'108

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

ପତ୍ର ସଂଖ୍ୟା ....୪୩୦୪.......... ତା ....୩୧-୦୧-୨୬... ରିଖ

ପ୍ରାପକେଷୁ,

ପୌର ପ୍ରଶାସନ ନିର୍ଦ୍ଦେଶକ ଏବଂ ପଦପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ,
ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ବିଷୟ:- ଭୁବନେଶ୍ୱର ମହାନଗର ନିଗମର ତା ୨୮.୦୧.୨୦୨୬ ରିଖ କର୍ପୋରେସନ ସାଧାରଣ ବୈଠକ ବିବରଣୀ ପ୍ରେରଣ ସମ୍ବନ୍ଧରେ ।

ମହାଶୟା/ମହାଶୟ,

ଭୁବନେଶ୍ୱର ମହାନଗର ନିଗମର ତା ୨୮.୦୧.୨୦୨୬ ରିଖରେ ଅନୁଷ୍ଠିତ ହୋଇଥିବା କର୍ପୋରେସନ ସାଧାରଣ ବୈଠକ ବିବରଣୀ ଆପଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

**ସଂଲଗ୍ନକ- ଉପରବର୍ଣ୍ଣିତ ମତେ,**

ଜ୍ଞାପକ ସଂଖ୍ୟା- ...୪୩୦୫............../ତା ....୩୧-୦୧-୨୬... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମର ମେୟର/ ଡ଼େପୁଟି ମେୟର/ ସମସ୍ତ କର୍ପୋରେଟର ମାନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ...୪୩୦୬......./ତା ....୩୧-୦୧-୨୬... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ ଭୁବନେଶ୍ୱର ମହାନଗର ନିଗମ ମେୟରଙ୍କ ବାସ ଭବନସ୍ଥ କାର୍ଯ୍ୟାଳୟକୁ ରେକର୍ଡ଼ ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

ଜ୍ଞାପକ ସଂଖ୍ୟା- ...୪୩୦୮........./ତା ....୩୧-୦୧-୨୬..... ରିଖ

ଏହାର ଏକକିତା ନକଲ ସହ ବିବରଣୀ ନକଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ/ ଅଭିଯୋଗ ପ୍ରକୋଷ୍ଠ/ ମ୍ୟୁନିସିପାଲ୍ କମିଶନର/ ଅତିରିକ୍ତ କମିଶନର/ ନଗର ଯନ୍ତ୍ରୀ/ ସଚିବ/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୨/ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୩/ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍)/ ନିର୍ବାହୀ ଯନ୍ତ୍ରୀ(ବିଦ୍ୟୁତ୍)/ ନଗର ସ୍ୱାସ୍ଥ୍ୟ ଅଧିକାରୀ/ ପୌର ମୁଖ୍ୟ ଚିକିତ୍ସାଧିକାରୀ/ ବିତ ଅଧିକାରୀ/ ନଗର ଯୋଜନାକାରୀ/ ଡ଼ି.ସି. (ପରିମଳ)/ ଡ଼ି.ସି. (ପାର୍କ/ସାମାଜିକ ସୁରକ୍ଷା)/ ଡ଼ି.ସି (ଜନମଙ୍ଗଳ)/ ଡି.ସି. (ହାଉସିଂ)/ ଡ଼ି.ସି. (ମାର୍କେଟ୍)/ ଡ଼ି.ସି (ଲ୍ୟାଣ୍ଡ)/ ଡ଼ି.ସି (ଲିଗାଲ୍)/ ଡ଼ି.ସି (ଯାନ)/ ଡ଼ି.ସି. (ରାଜସ୍ୱ)/ ଡ଼ି.ସି. (ଆଇ.ଟି)/ ଡ଼ି.ସି (ପାର୍କିଙ୍ଗ୍)/ ଡ଼ି.ସି (ଗୃହ ଟିକସ)/ ଡ଼ି.ସି. (ପ୍ରତିଷ୍ଠାନ)/ ଜୋନାଲ୍ କମିଶନର (ଉତର/ ଦକ୍ଷିଣ-ପୂର୍ବ/ଦକ୍ଷିଣ-ପଶ୍ଚିମ)/ମୁଖ୍ୟ ସମୀକ୍ଷକ/ ପରିବେଶ ଅଧିକାରୀ/ ମୁଖ୍ୟ ସହାୟକ ସମୂହ, ଭୁବନେଶ୍ୱର ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସଚିବ
ଭୁବନେଶ୍ୱର ମହାନଗର ନିଗମ

# ଭୁବନେଶ୍ୱର ମହାନଗର ନିଗମ
## ସାଧାରଣ ବୈଠକ ବିବରଣୀ

ତା.୨୮.୦୧.୨୦୨୬ ରିଖ ✱ସମୟ: ପୂର୍ବାହ୍ନ ଘ.୧୧.୩୦ ମିନିଟ୍ ✱ସ୍ଥାନ: BMC-ICOMC ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ/ଶ୍ରୀମତୀ:*

| | | |
|---|---|---|
| ୧. | ସୁଲୋଚନା ଦାସ | ମେୟର |
| ୨. | ମଞ୍ଜୁଲତା କହଁର | ଡେ଼ପୁଟି ମେୟର |
| ୩. | ମିହିର କୁମାର ରାଉତ | ୱାର୍ଡ଼ ନଂ-୦୧ |
| ୪. | ମୋନାଲିସା ବେହେରା | ୱାର୍ଡ ନଂ-୦୨ |
| ୫. | ଲକ୍ଷ୍ମୀପ୍ରିୟା ପରିଡ଼ା | ୱାର୍ଡ଼ ନଂ-୦୩ |
| ୬. | ସୁକୁମାର ସାହୁ | ୱାର୍ଡ଼ ନଂ-୦୪ |
| ୭. | ମିନୁଶ୍ରୀ ଝୁଂଟିଆ | ୱାର୍ଡ ନଂ-୦୫ |
| ୮. | ପ୍ରୀତିନନ୍ଦା ରାଉତରାୟ | ୱାର୍ଡ଼ ନଂ-୦୬ |
| ୯. | ଯଶୋଧାରା ପ୍ରଧାନ | ୱାର୍ଡ଼ ନଂ-୦୭ |
| ୧୦. | ଲାଲ୍ ମୋହନ ଟୁଡୁ | ୱାର୍ଡ଼ ନଂ-୦୮ |
| ୧୧. | ସୁଷମା ସାହୁ | ୱାର୍ଡ ନଂ-୦୯ |
| ୧୨. | ସେକ୍ ନୁର୍‌ହାସନ୍ | ୱାର୍ଡ଼ ନଂ-୧୦ |
| ୧୩. | ପ୍ରଭାସିନି ମହାନ୍ତି | ୱାର୍ଡ଼ ନଂ-୧୧ |
| ୧୪. | ଜୟନ୍ତି ସାହୁ | ୱାର୍ଡ ନଂ-୧୨ |
| ୧୫. | ଇତିଶ୍ରୀ ଦାସ | ୱାର୍ଡ଼ ନଂ-୧୩ |
| ୧୬. | ମୋନାଲିସା ସାହୁ | ୱାର୍ଡ ନଂ-୧୪ |
| ୧୭. | ପିଙ୍କି ସ୍ୱାଇଁ | ୱାର୍ଡ଼ ନଂ-୧୫ |
| ୧୮. | ପୂଜା ମହାରଣା | ୱାର୍ଡ଼ ନଂ-୧୭ |
| ୧୯. | ବିପ୍ଳବ ବେହେରା | ୱାର୍ଡ଼ ନଂ-୧୮ |
| ୨୦. | ସ୍ମୃତିଶିଖା ବରିସଲ | ୱାର୍ଡ ନଂ-୧୯ |
| ୨୧. | ପ୍ରେମାନନ୍ଦ ଜେନା | ୱାର୍ଡ଼ ନଂ-୨୦ |
| ୨୨. | ପୂଜା ବେହେରା | ୱାର୍ଡ଼ ନଂ-୨୧ |
| ୨୩. | କିରଣବାଳା ମାଝୀ | ୱାର୍ଡ ନଂ-୨୩ |
| ୨୪. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୫. | ଭାରତୀ ସିଂ | ୱାର୍ଡ଼ ନଂ-୨୬ |
| ୨୬. | ଝରଣାରାଣୀ ପତି | ୱାର୍ଡ଼ ନଂ-୨୮ |
| ୨୭. | ଅପରୂପ ନାରାୟଣ ରାଉତ | ୱାର୍ଡ଼ ନଂ-୨୯ |
| ୨୮. | ରାଜକିଶୋର ଦାସ | ୱାର୍ଡ଼ ନଂ-୩୦ |
| ୨୯. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ଼ ନଂ-୩୧ |
| ୩୦. | ଶ୍ରୀଧର ଜେନା | ୱାର୍ଡ଼ ନଂ-୩୨ |
| ୩୧. | ଧରିତ୍ରୀ ଜେନା | ୱାର୍ଡ଼ ନଂ-୩୩ |
| ୩୨. | ପୁଷ୍ପାଞ୍ଜଳୀ ସେଠୀ | ୱାର୍ଡ ନଂ-୩୪ |

| | | |
|---|---|---|
| ୩୩. | ରଞ୍ଜୁଲତା ରାୟ | ୱାର୍ଡ ନଂ-୩୫ |
| ୩୪. | ଅଲିଅଲି ମଲିକ୍ | ୱାର୍ଡ଼ ନଂ-୩୬ |
| ୩୫. | ବନ୍ଦିତା ପାଲ୍ | ୱାର୍ଡ଼ ନଂ-୩୭ |
| ୩୬. | ଗିତାଞ୍ଜଳୀ ସାହୁ | ୱାର୍ଡ ନଂ-୩୯ |
| ୩୭. | ଅସିୟା ବେଗମ୍ | ୱାର୍ଡ଼ ନଂ-୪୦ |
| ୩୮. | କବିତା ସ୍ୱାଇଁ | ୱାର୍ଡ ନଂ-୪୧ |
| ୩୯. | ଆଶିଷ କୁମାର ପଟ୍ଟନାୟକ | ୱାର୍ଡ଼ ନଂ-୪୨ |
| ୪୦. | ଭରତ କୁମାର ଲେଙ୍କା | ୱାର୍ଡ ନଂ-୪୩ |
| ୪୧. | ଅଜିତ୍ ବେହେରା | ୱାର୍ଡ଼ ନଂ-୪୪ |
| ୪୨. | ଅମରେଶ ଜେନା | ୱାର୍ଡ଼ ନଂ-୪୫ |
| ୪୩. | ପୁଷ୍ପା ରାଉତ | ୱାର୍ଡ ନଂ-୪୬ |
| ୪୪. | ସମିତା ମହାନ୍ତି | ୱାର୍ଡ଼ ନଂ-୪୭ |
| ୪୫. | ସୁଚିତ୍ରା ପାତ୍ର | ୱାର୍ଡ଼ ନଂ-୪୮ |
| ୪୬. | ସଂଯୁକ୍ତା ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୪୭. | ରାମଚନ୍ଦ୍ର ରଣସିଂହ | ୱାର୍ଡ଼ ନଂ-୫୦ |
| ୪୮. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୪୯. | ମହାମାୟା ସ୍ୱାଇଁ | ୱାର୍ଡ଼ ନଂ-୫୩ |
| ୫୦. | ଶିବ ପ୍ରସାଦ ବେହେରା | ୱାର୍ଡ଼ ନଂ-୫୪ |
| ୫୧. | ନୃପେଶ କୁମାର ନାୟକ | ୱାର୍ଡ଼ ନଂ-୫୫ |
| ୫୨. | କେ. ଶାନ୍ତି | ୱାର୍ଡ଼ ନଂ-୫୬ |
| ୫୩. | ସନ୍ତୋଷ କୁମାର ସିଂହ | ୱାର୍ଡ ନଂ-୫୭ |
| ୫୪. | ନମିତା ମହାପାତ୍ର | ୱାର୍ଡ଼ ନଂ-୫୮ |
| ୫୫. | ଚନ୍ଦ୍ରଶେଖର ମଲିଆ | ୱାର୍ଡ଼ ନଂ-୬୦ |
| ୫୬. | ଶିବ ନାରାୟଣ ରାୟ | ୱାର୍ଡ ନଂ-୬୧ |
| ୫୭. | ଚାରୁଲତା ସାମନ୍ତରାୟ | ୱାର୍ଡ଼ ନଂ-୬୨ |
| ୫୮. | ସୁଜାତା ଛୋଟରାୟ | ୱାର୍ଡ଼ ନଂ-୬୩ |
| ୫୯. | ସଜିବା ମୁଶରତ | ୱାର୍ଡ଼ ନଂ-୬୪ |
| ୬୦. | ରଶ୍ମି ରଞ୍ଜନ ପାଟଶାଣୀ | ୱାର୍ଡ ନଂ-୬୫ |
| ୬୧. | ଛବି ଦାଶ | ୱାର୍ଡ଼ ନଂ-୬୬ |
| ୬୨. | ମଧୁସ୍ମିତା ପ୍ରଧାନ | ୱାର୍ଡ଼ ନଂ-୬୭ |

ୱାର୍ଡ଼ ସିଧାସଳଖ ଆପେ'କ୍ସନ୍ରୁ ରକ୍ଷା ପାଇବେ । ୱାର୍ଡ଼ ନଂ-୪୩ ର ସାଇଫନ୍ ମଧ କାମ ହେବ । ୱାଟ୍‌କୋ, ଟି.ପି.ସି.ଓ.ଡ଼ି.ଏଲ ଓ ଗେଲ୍ ରାସ୍ତା ଖୋଳି ରାସ୍ତା ଖରାପ କରୁଛନ୍ତି, ସେମାନେ ପଇସା ଦେଲେ ସମ୍ପୂର୍ଣ୍ଣ ମରାମତି କରାଯିବ । ଶ୍ରୀ ଲିଙ୍ଗରାଜ ଦେବଙ୍କ ମହାଶିବରାତ୍ରି ଆସୁଅଛି, ଆପଣ ମାନଙ୍କ ସହଯୋଗ ରହିଲେ ସୁରୁଖୁରୁରେ ସମ୍ପାଦନ କରାଯିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ କହିଥିଲେ ଯେ, TPCODL ମନଇଚ୍ଛା ରାସ୍ତା ଖୋଳୁଅଛି, ମରାମତି କରୁନାହାଁନ୍ତି, ତାଙ୍କୁ ସମର୍ଥନ କରି କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ମନଇଚ୍ଛା ରାସ୍ତା ଖୋଳି କେବୁଲ୍ ପକାଉଛନ୍ତି, ରାସ୍ତା ମରାମତି କରୁନାହାଁନ୍ତି । ଏହା ଉପରେ ଆଲୋଚନା କରାଗଲା । ମହାନଗର ନିଗମାଂଚଳରେ ଥିବା ରାସ୍ତା ଗୁଡ଼ିକ TPCODL, WATCO ଏବଂ Gail India ସେମାନଙ୍କ ପାଇପ୍ ପକାଇବା ପାଇଁ ରାସ୍ତା ଖୋଳି ଖରାପ କରୁଛନ୍ତି, ନୂଆ କାମ ହୋଇଥିଲେ ମଧ ରାସ୍ତା ଖୋଳି ଦେଉଛନ୍ତି । ଯେଉଁ ରାସ୍ତା ମରାମତି କାର୍ଯ୍ୟ କରୁଛନ୍ତି ସେଗୁଡ଼ିକ ବହୁ ନିମ୍ନମାନର ହେଉଅଛି ଓ ବହୁ ବିଳମ୍ବରେ କାର୍ଯ୍ୟ କରୁଛନ୍ତି, ଫଳରେ ଜନସାଧାରଣ ଯାତାୟତରେ ଅସୁବିଧା ହେଉଅଛି, ତେଣୁ ସେମାନେ ଯେଉଁ ରାସ୍ତା ଖୋଳିବେ ବର୍ଷକର Plan & Project ବିଷୟରେ ଭୁବନେଶ୍ୱର ମହାନଗର ନିଗମକୁ ଜଣାଇବେ ଏବଂ ଯେଉଁସବୁ ରାସ୍ତା ଖୋଳିବେ ସେହି ରାସ୍ତା କାର୍ଯ୍ୟ ପାଇଁ ଯାହା ଅର୍ଥ ଖର୍ଚ୍ଚ ହେବ ସମ୍ପୂର୍ଣ୍ଣ ଅର୍ଥ ନିଗମରେ ପଇଠ କଲାପରେ ତାହାକୁ ଅନୁମତି ଦିଆଯିବ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସେମାନେ ଭୁବନେଶ୍ୱର ମହାନଗର ନିଗମକୁ ଜଣାଇବେ । ସେମାନେ ଦାଖଲ କରିଥିବା ଅର୍ଥରେ ଏହି ରାସ୍ତା କାର୍ଯ୍ୟ କରିବା ପାଇଁ ତିନି ଗୋଟି ଜୋନ୍ ପାଇଁ ଠିକାଦାର Empanelment କରାଯିବ । କାର୍ଯ୍ୟ ଶେଷ ହେବାପରେ ସଙ୍ଗେ ସଙ୍ଗେ ଏହି ଠିକାଦାର ମାନଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ଏବଂ ଖରାପ ହୋଇଯାଇଥିବା ବିଦ୍ୟୁତ୍ ଖୁଂଟ ପରିବର୍ତନ କରିବା, ଖୋଲାଥିବା ସବ୍‌ଷ୍ଟେସନ୍ ଚତୁଃପାର୍ଶ୍ୱ ବ୍ୟାରିକେଟ୍ କରିବା ଏବଂ ଯେଉଁ ବିଦ୍ୟୁତ୍ ତାର ଗୁଡ଼ିକ ଖରାପ ହୋଇଗଲାଣି ତାହାକୁ ପରିବର୍ତନ କରିବା ପାଇଁ TPCODL କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ମୋ ୱାର୍ଡ଼ରେ ଥିବା ୟୁ.ପି.ଏଚ୍.ସି ଭଡ଼ାଘରେ ଚାଲୁଅଛି, ରାଜ୍ୟ ସରକାର ଭଡ଼ା ଅର୍ଥ ନଦେବାପାଇଁ ମନା କରୁଥିବାରୁ ଏବେ ବନ୍ଦ ହେବାକୁ ଯାଉଅଛି । ଏହା ଉପରେ ବୈଠକରେ ଉପସ୍ଥିତ ଥିବା ADUPHO କହିଥିଲେ କୌଣସି ୟୁ.ପି.ଏଚ୍.ସି ବନ୍ଦ ହେବନାହିଁ ଏଥିପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହ ଖୋଜା ଚାଲିଅଛି । ଏହା ଉପରେ ଆଲୋଚନା କରାଗଲା । ୟୁ.ପି.ଏଚ୍.ସି ଚାଲୁ କରିବା ପାଇଁ ଯେଉଁ ଗାଇଡ୍‌ଲାଇନ୍ ଅଛି ଏ ବିଷୟରେ କମିଶନରଙ୍କୁ ADUPHO ସାତ ଦିନ ମଧରେ ଅବଗତ କରାଇବେ, ସେହି ଅନୁସାରେ କାର୍ଯ୍ୟକାରୀ କରାଯିବ ଏବଂ ଅର୍ଥ ବନ୍ଦ ନକରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଶ୍ରୀଧର ବେହେରା କହିଥିଲେ ଯେ, ସ୍ୱିଙ୍ଗ୍ ଟ୍ୟାଙ୍କ୍ ବିଷୟରେ ଗତ ମାସରେ ପ୍ରଶ୍ନ କରିଥିଲି ଦ୍ୱିତୀୟ ପ୍ରଶ୍ନର ଉତର ଠିକ୍ ଦେଲେ ନାହିଁ, ପ୍ରଥମ ପ୍ରଶ୍ନ ଉପରେ କ'ଣ ପଦକ୍ଷେପ ନିଆଗଲା ଏବଂ ଏହି ପୋଖରୀ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ବୋଲି ଜାଣିବାକୁ ଚାହିଁଥିଲେ । ଆଲୋଚନାରେ ଭାଗ ନେଇ କର୍ପୋରେଟର ଶ୍ରୀ ଭରତ କୁମାର ଲେଙ୍କା କହିଥିଲେ ଯେ, ମୋ ୱାର୍ଡ଼ରେ ଥିବା ଫିସରି ଟ୍ୟାଙ୍କ୍ କାର୍ଯ୍ୟ ଏସ୍.ଏଚ୍.ଜି ମାନଙ୍କ ଦ୍ୱାରା କରାଗଲା କିନ୍ତୁ ସେମାନଙ୍କୁ ପଇସା ଦିଆଗଲା ନାହିଁ ପୋଖରୀ ଅଧା ରହିଲା । ଏହା ଉପରେ ବିଷଦ ଭାବେ ଆଲୋଚନା କରାଗଲା । ଏହି ଦୁଇ ଗୋଟି ପୋଖରୀ ପାଇଁ କେତେ ଟଙ୍କା ଲେଖାଏଁ ବ୍ୟବସ୍ଥା ଥିଲା, କେତେ ଅର୍ଥ ଖର୍ଚ୍ଚ ହୋଇଅଛି, କେତେ ଅର୍ଥ ଏସ୍.ଏଚ୍.ଜି ଙ୍କୁ ଦିଆଯାଇଅଛି ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ କେତେ ଅର୍ଥ ଖର୍ଚ୍ଚ ହୋଇଅଛି ଏବଂ ଏହି ଦୁଇଗୋଟି ପୋଖରୀ ସମ୍ପୂର୍ଣ୍ଣ କରିବା ପାଇଁ କେତେ ଅର୍ଥ ଆବଶ୍ୟକ ସେ ସମ୍ପର୍କରେ ମାନନୀୟା ମେୟରଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ । ଏଥିରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଚେୟାରମ୍ୟାନ୍/ ଚେୟାରପରସନ୍, କର୍ପୋରେଟର ୱାର୍ଡ଼ ନଂ-୪୩, ୫୨ ଓ ୫୫, ନିଗମର ମୁଖ୍ୟ ବିତ ଅଧିକାରୀ, ନଗର ଯନ୍ତ୍ରୀ ସଭ୍ୟ ରହିବେ ଏବଂ ନିର୍ବାହୀ ଯନ୍ତ୍ରୀ (ଡ୍ରେନେଜ୍) ଆବାହକ ରହିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତି କହିଥିଲେ ଯେ, ସହର ମଧରେ ବଡ଼ ବଡ଼ ହସ୍ପିଟାଲ୍, ବ୍ୟବସାୟିକ ସ୍ଥଳ ନିକଟରେ ବହୁ ଗାଡ଼ି ରହୁଅଛି ସେଠାରୁ ପାର୍କିଙ୍ଗ୍ ଫି ଆଦାୟ କରାଯିବା ଆବଶ୍ୟକ । ଏହା ଉପରେ ଆଲୋଚନା କରାଗଲା । ସେଠାରେ ଇନ୍‌ଷ୍ଟିଚ୍ୟୁସନାଲ ପାର୍କିଙ୍ଗ୍ ଦିଆଯିବ, ଯଦି ସମ୍ପୃକ୍ତ ସଂସ୍ଥା ନେଉନାହାଁନ୍ତି ସେଠାରେ ଟେଣ୍ଡର ମାଧମରେ ଦିଆଯିବ । ଟେଣ୍ଡର ନନେଲେ ସେଠାରୁ ଗାଡ଼ି ଗୁଡ଼ିକ ଟୋଇଙ୍ଗ୍ କରାଯିବ ଏବଂ ଯେଉଁ କଲ୍ୟାଣମଣ୍ଡପ ଓ କମ୍ୟୁନିଟି ସେଂଟର, ଅନ୍ୟାନ୍ୟ ବିବାହ ମଣ୍ଡପ ନିକଟରେ ବେଆଇନ୍ ଭାବେ ଗାଡ଼ି ରହୁଅଛି ସେହି ଗାଡ଼ି ଗୁଡ଼ିକ ଟୋଇଙ୍ଗ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ଅମରେଶ ଜେନା କହିଥିଲେ ଯେ, ବାପୁଜୀନଗର ଓଭରବ୍ରିଜ୍ ତଳେ ବେଆଇନ୍ ଦୋକାନ କରିଛନ୍ତି ସେଠାରେ ରାସ୍ତା ଜାମ୍ ହେଉଅଛି ଏବଂ ସେଠାରେ ଅଳିଆ ମଧ୍ୟ ହେଉଅଛି ସେଗୁଡ଼ିକ ଖାଲି କରିବା ପାଇଁ ଦାବୀ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ଓଭରବ୍ରିଜ୍ ତଳେ ହୋଇଥିବା ଜବରଦଖଲ ଉଚ୍ଛେଦ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୧. ଗତ ତା ୩୧.୧୨.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

ନିର୍ଦ୍ଧାରଣ-୧. ଗତ ତା ୩୧.୧୨.୨୦୨୫ ରିଖ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତିକ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ ଓ ଉତ୍ତର:- (ତା ୨୮.୦୧.୨୦୨୬ ରିଖ)**

ଶ୍ରୀ ରାଜକିଶୋର ଦାସ, ୱାର୍ଡ଼ ନଂ-୩୦ (ଗତ ତା ୩୧.୧୨.୨୦୨୫ ରିଖର ପ୍ରଶ୍ନ)

ପ୍ରଶ୍ନ-୨(୧). ୱାର୍ଡ଼ ନଂ-୩୦ ସହିଦନଗର ସ୍ଥିତ ମୌଜା-ସହିଦନଗର ସ୍ଥିତ ପ୍ଲଟ୍ ନଂ-୧୧୧ (ପି), ୯୪ (ପି), ୧୩୯ (ପି) ଏବଂ ୧୪୨ (ପି) ଖାତା ନଂ-୧୦୩୩, ମୋଟ ଏରିଆ ୨୨.୬୮୮ ଡ଼ିସିମିଲ୍ ବି.ଏମ୍.ସି ଜମିରେ କର୍ପୋରେସନ ଦ୍ୱାରା ଅନୁମୋଦିତ ହୋଇଯାଇଥିବା ଯୋଜନା ଅଡ଼ିଟୋରିୟମ୍, ଲାଇବ୍ରେରୀ ବାରମ୍ବାର ଆଲୋଚନା ସତ୍ୱେ ଆଉ କେତେ ବର୍ଷ ଏହି ଯୋଜନା ଶୀତଳ ଭଣ୍ଡାରରେ ପଡ଼ିରହିବ । ବି.ଏମ୍.ସି ର ରକ୍ଷଣାବେକ୍ଷଣ ଅଭାବରୁ ଦିନକୁ ଦିନ ଜବରଦଖଲ ବଢ଼ିଚାଲିଛି । ଏଣୁ ମୋର ନିମ୍ନଲିଖିତ ପ୍ରଶ୍ନ:-
୧)ସହିଦନଗର ସ୍ଥିତ ପ୍ଲଟ୍ ନଂ-୧୧୧ (ଅଂଶ), ୯୪ (ଅଂଶ), ୧୩୯ (ଅଂଶ) ଏବଂ ୧୪୨ (ଅଂଶ) ମୋଟ ୨୨.୬୮୮ ଡ଼ି. ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ୧୯୯୯ ମସିହା ଠାରୁ ବି.ଏମ୍.ସି କୁ ହସ୍ତାନ୍ତର ହୋଇଥିବା ଜାଗା ଉପରେ ତିଆରି ହେବାକୁ ଥିବା ଅଡ଼ିଟୋରିଅମ୍ ଏବଂ ଲାଇବ୍ରେରୀ ଯୋଜନାର ବର୍ତ୍ତମାନର ସ୍ଥିତାବସ୍ଥା ବିବରଣୀ ଜଣାନ୍ତୁ ଏବଂ ଭବିଷ୍ୟତର ଯୋଜନା କ'ଣ ?

ଉତ୍ତର-୨(୧). ଫ୍ୟାନ୍ସି ମାର୍କେଟ୍ ପାର୍ଶ୍ୱରେ ସୀମା କାନ୍ଥର ମରାମତି ଓ ଗ୍ରୀଲ୍ ଗେଟ୍ ସଜାଡ଼ିବା କାର୍ଯ୍ୟ ଅତି ଶୀଘ୍ର ଆରମ୍ଭ କରାଯିବ । ପି.ଏମ୍.ୟୁ ସେଲ୍ ଦ୍ୱାରା ଅଡ଼ିଟୋରିୟମ୍ ଡ଼ିଜାଇନ୍ ଚୂଡ଼ାନ୍ତ ହେବାପରେ ଆକଳନ ପ୍ରସ୍ତୁତ କରାଯିବ ।

ଭୁବନେଶ୍ୱର ମହାନଗର ନିଗମର ଭୂ ବିଭାଗ ପତ୍ରସଂଖ୍ୟା-୪୫୪୨ ତା ୨୭.୦୧.୨୦୨୬ ରିଖରେ ମଣ୍ଡଳ ଆୟୁକ୍ତ (ଦକ୍ଷିଣ-ପୂର୍ବ) ଙ୍କୁ ସାଧାରଣ ପ୍ରଶାସନ ବିଭାଗର ଆଦେଶନାମା ପତ୍ରସଂଖ୍ୟା-13291/CA ତା ୦୩.୦୯.୧୯୯୯ ରିଖ ଅନୁଯାୟୀ ଜବରଦଖଲ ଉଚ୍ଛେଦ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଜଣାଇ ଦିଆଯାଇଅଛି ଏବଂ ସ୍ମାରକ ପତ୍ରସଂଖ୍ୟା-୪୫୨୩ ତା ୨୭.୦୧.୨୦୨୬ ରିଖରେ ଉପ ଆୟୁକ୍ତ (ପ୍ରବର୍ତନ) ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଖଣ୍ଡ-୩ ଙ୍କୁ ବିହିତ ପଦକ୍ଷେପ ନିମନ୍ତେ ଜଣାଇ ଦିଆଯାଇଅଛି ।

ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ, ୱାର୍ଡ଼ ନଂ-୬୫

ପ୍ରଶ୍ନ-୨(୨). ପୂର୍ବ ସାଧାରଣ ବୈଠକ ତା ୨୩.୦୪.୨୦୨୫ ରିଖ ଏବଂ ତା ୨୫.୦୬.୨୦୨୫ ରିଖରେ ପଚାରିଥିବା ପ୍ରଶ୍ନ ଅନୁଯାୟୀ ପାତ୍ରପଡ଼ା-ଭଗବାନପୁର ଗ୍ରାମର ଡ୍ରେନ୍ ପାଣି ଗୁଡ଼ିକ ଗ୍ରାମର ଶେଷ ପ୍ରାଇଭେଟ୍ ଲ୍ୟାଣ୍ଡରେ ଓ ଏମ୍ସ ନଗର, ଉଦୟଗିରି ବିହାର ଓ ଟାଙ୍ଗି ଅଂଚଳର ଡ୍ରେନ୍ ପାଣି ଖଣିରେ ଜମା ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଅଛି, ଏହି ଡ୍ରେନ୍ ଗୁଡ଼ିକର ସଂଯୋଗୀକରଣ କରି ପ୍ରାକୃତିକ ନାଳରେ ପକାଇବା ପାଇଁ ସର୍ଭେ ସଂସ୍ଥା IIT ROORKEE ଦ୍ୱାରା ସର୍ଭେ କରାଯାଇ DPR ପ୍ରସ୍ତୁତି କରାଯିବା ପାଇଁ ଜଣାଇଥିଲେ । ୬ ମାସ ବିତିଯାଇଥିଲେ ମଧ ଏଥିରେ କୌଣସି ପ୍ରକାର ଅଗ୍ରଗତି ହେବାର ଜଣାପଡୁନାହିଁ । ଏହି କାର୍ଯ୍ୟ ଅଗ୍ରଗତି ବିଷୟରେ ଗୃହକୁ ଜଣାଇବେ କି ?

ଉତ୍ତର-୨(୨). ପାତ୍ରପଡ଼ା-ଭଗବାନପୁର ଏବଂ ଏମ୍ସ ନଗର, ଉଦୟଗିରି ବିହାର ଓ ଟାଙ୍ଗି ଅଂଚଳର ଡ୍ରେନ୍ ପାଣି ନିଷ୍କାସନ ପାଇଁ ଉକ୍ତ ଅଂଚଳର ଡ୍ରେନ୍ ସଂଯୋଗୀକରଣ ଓ ପ୍ରାକୃତିକ ନାଳ ସହ ନିଷ୍କାସନ ବ୍ୟବସ୍ଥା ପାଇଁ IIT ROORKEE ଦ୍ୱାରା ସମୀକ୍ଷା କାର୍ଯ୍ୟ ସମ୍ପନ୍ନ ହୋଇ DPR ପ୍ରସ୍ତୁତି ପ୍ରକ୍ରିୟାଧିନ ଅଛି । IIT ROORKEE ପକ୍ଷରୁ DPR ଦାଖଲ ହେବାପରେ ସରକାରୀ ଅନୁମୋଦନ ସହିତ କାର୍ଯ୍ୟ ଗ୍ରହଣ କରାଯିବ ।

ପ୍ରଶ୍ନ-୨(୩). ସାଧାରଣ ବୈଠକ ତା ୩୦.୦୭.୨୦୨୫ ରିଖରେ ମୁଁ ପଚାରିଥିବା ପ୍ରଶ୍ନ Bharati Airtel, WATCO (Sewerage), GAIL India କାର୍ଯ୍ୟ ବିଷୟରେ ଆପଣଙ୍କର ଉତର ଥିଲା ସମ୍ପୃକ୍ତ ସଂସ୍ଥା ଗୁଡ଼ିକ ଯନ୍ତ୍ରୀଙ୍କ ଦ୍ୱାରା ପ୍ରଦାନ ଏଷ୍ଟିମେଟ୍ ଅନୁସାରେ ଦେୟ ପଇଠ କରି ଅନୁମତି ପତ୍ର ନେଇ କାମ କରୁଥାନ୍ତି । ଏହାକୁ ସମ୍ପୃକ୍ତ ୱାର୍ଡ଼ର ସହାୟକ ଯନ୍ତ୍ରୀ ତଦାରଖ କରନ୍ତି । ବଡ଼ ଦୁଃଖର ବିଷୟ ମୋ ୱାର୍ଡ଼ରେ Bharati Airtel, WATCO (Sewerage), GAIL India ସମସ୍ତ ରାସ୍ତା ଗୁଡ଼ିକୁ ବିନା ଅନୁମତିପତ୍ରରେ ଖୋଳି ନଷ୍ଟ କରିଦେଉଛନ୍ତି, ଆପଣ ଗୃହକୁ ଜଣାଇବେ କି, ଏହାକୁ କେଉଁ ଯନ୍ତ୍ରୀ ତଦାରଖ କରୁଛନ୍ତି, ଯଦି କରୁଛନ୍ତି ତେବେ କମ୍ପାନୀ ଗୁଡ଼ିକ ବିରୁଦ୍ଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

ଉତ୍ତର-୨(୩). ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୬୫ ଅଧିନରେ ଥିବା ରାସ୍ତା ଗୁଡ଼ିକ ବିନା ଅନୁମତି ପତ୍ରରେ Bharati Airtel, WATCO (Sewerage), GAIL India ଆଦି ସଂସ୍ଥାମାନେ ଖୋଳି ନଷ୍ଟ କରୁଛନ୍ତି । ଏଣୁ ମାନ୍ୟବର ମେୟର ମହୋଦୟାଙ୍କ ଅଧକ୍ଷତାରେ ତା ୧୯.୦୧.୨୦୨୬ ରିଖରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ ଅଫିସ୍‌ରେ ହୋଇଥିବା ବୈଠକରେ ଏହା ଉପରେ ତର୍ଜମା କରାଯାଇ ସମ୍ପୃକ୍ତ ୱାର୍ଡ଼ର ସହାୟକ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଅଛି, ଯେଉଁଠାରେ ଉପରୋକ୍ତ ସଂସ୍ଥାମାନେ ବିନା ଅନୁମତିରେ ରାସ୍ତା ଖୋଳି ନଷ୍ଟ କରିଛନ୍ତି, ସେଠାରେ ଏକ ଆକଳନ ତିଆରି କରି ସମ୍ପୃକ୍ତ ସଂସ୍ଥା ଠାରୁ ଉକ୍ତ ରାସ୍ତାର ନବୀକରଣ ନିମନ୍ତେ ଟଙ୍କା ଆଦାୟ ପାଇଁ ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ।

ଶ୍ରୀ ଅଜିତ୍ ବେହେରା, ୱାର୍ଡ଼ ନଂ-୪୪

ପ୍ରଶ୍ନ-୨(୪). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ୱାର୍ଡ଼ ନଂ-୪୪ ବଡ଼ଗଡ଼ ଗ୍ରାମ ନୂଆସାହିରେ ସ୍ଥାୟୀ ନାଳ ଆଜକୁ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ନାହିଁ, ଏହି ବାବଦରେ ପ୍ରାୟ ଦେଢ ବର୍ଷ ହେବ ବି.ଏମ୍.ସି କୁ ସାଧାରଣ ବୈଠକ ଦ୍ୱାରା ଜାଗା ଅଧିଗ୍ରହଣ କରି ଯଥାଶୀଘ୍ର ମୁଖ୍ୟ ନାଳକୁ ବଡ଼ଗଡ଼ ନୂଆସାହିର ନାଳକୁ ସଂଯୋଗ କରିବା ପାଇଁ ପ୍ରସ୍ତାବ ଦେଇଥିଲି । ଦୁଃଖର ବିଷୟ ୨୮୮ ଧାରାରେ ୱାର୍ଡ଼ ନଂ-୪୫ ର ଜାଳିନଳା କାର୍ଯ୍ୟ ହୋଇଗଲା ପଛେ କିନ୍ତୁ ବଡ଼ଗଡ଼ ଗ୍ରାମର ନାଳ କାର୍ଯ୍ୟ ହୋଇପାରିଲା ନାହିଁ । ଏହି କାର୍ଯ୍ୟ ବନ୍ଦ ପଛରେ କିଏ କିଏ ଦାୟୀ ରହିଲେ ? ୨୮୮ ଧାରାରେ ଯଦି କାର୍ଯ୍ୟ ଶୀଘ୍ର ହେଉଅଛି ତେବେ ଏହି କାର୍ଯ୍ୟ କାହିଁକି ହୋଇପାରିଲା ନାହିଁ ? ଜନସାଧାରଣଙ୍କ ସ୍ୱାର୍ଥ ସାଧନ ପାଇଁ ବି.ଏମ୍.ସି ଏହି ସାଧାରଣ ବୈଠକରେ କେବେ କାର୍ଯ୍ୟ ଆରମ୍ଭ ହେବ ଏବଂ କେବେ ଶେଷ ହେବ ତାହାର ସମୟସୀମା ପ୍ରଦାନ କରନ୍ତୁ । ଏହାକୁ ମୁଁ ମୋର ଗ୍ରାମବାସୀଙ୍କ ପାଖରେ ଉପସ୍ଥାପନ କରିବି ।

ଉତ୍ତର-୨(୪). ୱାର୍ଡ଼ ନଂ-୪୪ ବଡ଼ଗଡ଼ ଗ୍ରାମ ନୂଆସାହି ଅଂଚଳର ନାଳ ବିକାଶ ସମ୍ବନ୍ଧରେ ଉକ୍ତ ସ୍ଥାନକୁ କ୍ଷେତ୍ର ସମୀକ୍ଷା ପାଇଁ ଇଂଚାର୍ଜ ଇଞ୍ଜିନିୟରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଅଧିକାରୀଙ୍କ ଦ୍ୱାରା ଭୂସ୍ଥିତି, ପ୍ରାକୃତିକ ନିଷ୍କାସନ ମାର୍ଗ ଓ ମୁଖ୍ୟ ନାଳ ସଂଯୋଗ କରିବା ପାଇଁ କାର୍ଯ୍ୟର ସମୀକ୍ଷା ପ୍ରସ୍ତୁତ ଚାଲିଛି । ପ୍ରାପ୍ତ ରିପୋର୍ଟ ଆଧାରରେ ଓ.ଏମ୍.ସି ଆଇନ୍-୨୦୦୩ ର ଧାରା ୨୮୮ ଅନୁସାରେ ଡ୍ରେନେଜ୍ କାର୍ଯ୍ୟ ଗ୍ରହଣ କରାଯିବ । ଆବଶ୍ୟକ ପ୍ରଶାସନିକ ଅନୁମୋଦନ ପରେ କାର୍ଯ୍ୟ ଆରମ୍ଭ ହେବ ।

ପ୍ରଶ୍ନ-୨(୫). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ପୂର୍ବ ସାଧାରଣ ବୈଠକରେ ସ୍ୱଚ୍ଛତା ଉଲ୍ଲଙ୍ଘନକାରୀଙ୍କ ପାଇଁ ଫାଇନକୁ ହୋଲଡ଼ିଂ ଟ୍ୟାକ୍ସରେ ଜଡ଼ିତ କରିବା ପାଇଁ ଦେଇଥିବା ପ୍ରସ୍ତାବରେ କେଉଁ କେଉଁ ପଦକ୍ଷେପ ନିଆଗଲା କିମ୍ବା ସେହି ପ୍ରସ୍ତାବର ପ୍ରତିବନ୍ଧକ କ'ଣ ରହିଛି ତାହା ଗୃହକୁ ଜଣାନ୍ତୁ ।

ଉତ୍ତର-୨(୫). ମ୍ୟୁନିସିପାଲ୍ ଆଇନ୍‌ର ୧୩୧ ଧାରା ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ସମସ୍ତ ଗୃହ ଗୁଡ଼ିକର ହୋଲଡ଼ିଂ ଟିକସ ଆଦାୟ କରାଯାଏ ଯାହାକି ୱାର୍ଡ଼ ଅଫିସରମାନେ ଆଦାୟ କରନ୍ତି । ଏହା ଏକ Statutory Act ଅନ୍ତର୍ଗତ ଅଟେ । Bhubaneswar Me ପୋର୍ଟାଲ୍ ଅନ୍ତର୍ଗତ MPOS Machine ଦ୍ୱାରା ସ୍ଥିରୀକୃତ Demand Collection Balance ନିର୍ଦ୍ଧାରଣ ସହ ଅନ୍‌ଲାଇନ୍ ପାଣ୍ଠି ଗ୍ରହଣ କରାଯାଏ, କିନ୍ତୁ ସ୍ୱଚ୍ଛତା ଉଲ୍ଲଙ୍ଘନକାରୀଙ୍କ ଫାଇନ୍, ୟୁଜର୍ ଫି ଆଦାୟ କରୁଥିବା ସାନିଟେସନ୍ ଇନିସ୍‌ପେକ୍ଟର (ଏସ୍.ଆଇ)ମାନେ ଆଦାୟ କରନ୍ତି । ତେଣୁ ଉକ୍ତ ଫାଇନକୁ ହୋଲଡ଼ିଂ ଟିକସରେ ଜଡ଼ିତ କରିବା ସମ୍ଭବ ହେଉନାହିଁ । ସ୍ୱଚ୍ଛତା ଉଲ୍ଲଙ୍ଘନକାରୀଙ୍କୁ ଫାଇନକୁ ୟୁଜର୍ ଫି ରେ ଜଡ଼ିତ କରାଯାଇ ଏସ୍.ଆଇ ମାନଙ୍କ ଦ୍ୱାରା ଆଦାୟ କରିବା ପାଇଁ ଆଦେଶ ଦିଆଯିବ ।

ଶ୍ରୀ ଶାଧର ବେହେରା, ୱାର୍ଡ଼ ନଂ-୫୨

ପ୍ରଶ୍ନ-୨(୬). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୫୨ ଭୀମପୁର ଠାରେ ଥିବା ମୁଖ୍ୟ ନାଳ ନଂ-୭ ର ଉଦ୍ଧାରୀକରଣ ପ୍ରକଳ୍ପ ପାଇଁ "ମୁକ୍ତା" ଯୋଜନାରେ SHG ଗୁଡ଼ିକୁ କେତୋଟି କାର୍ଯ୍ୟାଦେଶ ଦିଆଯାଇଛି ? ଫାଇଲ୍ ଅନୁଯାୟୀ କାର୍ଯ୍ୟାଦେଶ ଗୁଡ଼ିକର ଅଟକଳ ମୂଲ୍ୟ କେତେ କେତେ ରହିଛି ଏବଂ ଫାଇଲ୍ ଅନୁଯାୟୀ କେଉଁ କେଉଁ SHG କୁ କ'ଣ କ'ଣ କାମ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି ? ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ କାର୍ଯ୍ୟାଦେଶ ଅନୁସାରେ କେଉଁ କେଉଁ SHG କୁ କେତେ କେତେ ଟଙ୍କାର ବିଲ୍ ପଇଠ କରାଯାଇଛି ଏବଂ କେଉଁ SHG କୁ କେତେ ଟଙ୍କାର ବିଲ୍ ପଇଠ କରିବା ପାଇଁ ବାକିଅଛି ?

ଉତ୍ତର-୨(୬). ତଥ୍ୟ ସଂଗ୍ରହ କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯିବ ।

ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ, ୱାର୍ଡ଼ ନଂ-୪୯

ପ୍ରଶ୍ନ-୨(୭). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ମଉଜା ଆଇଗିଣିଆ ପ୍ଲଟ୍ ନଂ-୩୬୦ ଓ ୩୬୧ ଉପରେ ବି.ଏମ୍.ସି ଠାରୁ ଗୃହ ନକ୍ସା ମଞ୍ଜୁର ସମୟରେ ପ୍ଲଟ୍‌କୁ ସଂଯୋଗ କରୁଥିବା ରାସ୍ତାର ପ୍ଲଟ୍ ନଂ ଓ ଚଉଡ଼ା କେତେ ଗୃହକୁ ଜଣାଇବା ହେବେ । ଏହି ସଂଯୋଗ କରୁଥିବା ରାସ୍ତାର ମାଲିକାନା କାହା ନାମରେ ଅଛି, ଆବେଦନକାରୀ କେଉଁ କାଗଜାତ ବଳରେ କ୍ଷମତାପ୍ରାପ୍ତ ହିସାବରେ ଗୃହ ନକ୍ସା ମଞ୍ଜୁର ନିମନ୍ତେ ଆବେଦନ କରିବାକୁ ସକ୍ଷମ ହେଲେ ତା'ର ସବିଶେଷ ବିବରଣୀ ପ୍ରଦାନ କରିବା ହେବେ ।

ଉତ୍ତର-୨(୭). ମଉଜା ଆଇଗିଣିଆ ପ୍ଲଟ୍ ନଂ-୩୬୦ ଓ ୩୬୧ ଉପରେ ବି.ଏମ୍.ସି ଠାରୁ ଗୃହ ନକ୍ସା ମଞ୍ଜୁର ପାଇଁ ଆବେଦନ କରିବା ସମୟରେ ପ୍ଲଟ୍‌କୁ ସଂଯୋଗ କରୁଥିବା ପ୍ଲଟ୍ ନଂ-୪୫୯ ଏବଂ ଚଉଡ଼ା ୬.୦୯ ମିଟର ଥିଲା । ଏହି ସଂଯୋଗ କରୁଥିବା ରାସ୍ତାର ଆବଶ୍ୟକ ହେଉଥିବା ଚଉଡ଼ା ପାଇଁ ଆବେଦନକାରୀ ପ୍ଲଟ୍ ନଂ-୩୬୦ ରୁ AC 0.010 Dec ଏବଂ ପ୍ଲଟ୍ ନଂ-୩୬୧ ରୁ AC 0.194 Dec ଓ AC 0.067 Dec ରାସ୍ତା ଏବଂ Open Space ପାଇଁ Free Gift କଲାପରେ ରାସ୍ତାର ଚଉଡ଼ା ୯.୧୪ ମିଟର ହେଲା । ଏହି ସଂଯୋଗ କରୁଥିବା ରାସ୍ତାର ମାଲିକାନା କମିଶନର, ଭୁବନେଶ୍ୱର ମହାନଗର ନିଗମ BMC-ICOMC Tower ଙ୍କ ନାମରେ ଅଛି । ଆବେଦନକାରୀ Free Gift deed No.-1132309236 ତା ୧୮.୦୭.୨୦୨୩ ରିଖ କ୍ଷମତା ବଳରେ ଗୃହ ନକ୍ସା ମଞ୍ଜୁରୀ ନିମନ୍ତେ ଆବେଦନ କରିବାକୁ ସକ୍ଷମ ହେଲେ ଏବଂ ମଞ୍ଜୁରୀ କରାଯାଇଅଛି ।

ପ୍ରଶ୍ନ-୨(୮). ସଭାପତି ମହୋଦୟା ଦୟାକରି ଗୃହକୁ ଜଣାଇବେ କି, ଆଇଗିଣିଆ ଶ୍ମଶାନର ପୂର୍ବ ପାର୍ଶ୍ୱ ପ୍ରାଚେରୀର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କାର୍ଯ୍ୟ ଆରମ୍ଭ କରିବା ପାଇଁ କ'ଣ କ'ଣ ପଦକ୍ଷେପ ନିଆଯାଇଅଛି ?

ଉତ୍ତର-୨(୮). ଆଇଗିଣିଆ ଶ୍ମଶାନର ପ୍ରାଚୀର କାମ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ବନ୍ଦ ହୋଇଥିଲା । ବର୍ତ୍ତମାନ ଉକ୍ତ କାର୍ଯ୍ୟଟି ପୁରୁଣା ଚୁକ୍ତିପତ୍ର ମୂଲ୍ୟାୟନ ଦ୍ୱାରା କରାଯାଇପାରିବ ନାହିଁ ।

ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ଼ ନଂ-୫୫

ପ୍ରଶ୍ନ-୨(୯). (କ)ଭୁବନେଶ୍ୱର ମହାନଗର ନିଗମ ଅଧିନରେ door to door collection ରେ ନିଯୁକ୍ତ ହୋଇଥିବା NGO ଗୁଡିକ ଯଥା:- Feedback Foundation & Vikash ମାସିକ କେତେ ଟଙ୍କା ଲେଖାଏଁ କେଉଁ କେଉଁ ବାବଦରେ କେତେ କେତେ ଟଙ୍କା payment ନେଉଛନ୍ତି ? ଦୟାକରି ଏପ୍ରିଲ-୨୦୨୫ ରୁ ଜାନୁଆରୀ-୨୦୨୬ ପର୍ଯ୍ୟନ୍ତ ସମୁଦାୟ କେତେ ଟଙ୍କା payment BMC ରୁ ପାଉଛନ୍ତି, ତା'ର ସଠିକ୍ ବିବରଣୀ ଦିଆଯାଉ ।

(ଖ)ଗତ କର୍ପୋରେସନ ବୈଠକରେ Vikash Foundation ବିରୋଧରେ ସଫେଇ କର୍ମଚାରୀ (vehicle co-ordinator) ଙ୍କର ଦରମା ହରିଲୁଟ୍ ବାବଦରେ ପ୍ରଶ୍ନ କରାଯାଇଥିଲା । ଏଥିରେ ସର୍ବ ସମ୍ମତିକ୍ରମେ ଯେଉଁ NGO ମାନେ ଏଭଳି ଦୁର୍ନୀତିରେ ଲିପ୍ତ ଅଛନ୍ତି ତା'ଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ

କରାଯିବ ବୋଲି ସ୍ଥିର କରାଯାଇଥିଲା । ଇତି ମଧ୍ୟରେ ୧ ମାସ ସମୟ ଗଡିଗଲାଣି, ଏଣୁ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କିମ୍ବା ଗ୍ରହଣ କରାଯିବା ପାଇଁ ନିଷ୍ପତି ହୋଇଛି ତା'ର ସବିଶେଷ ବିବରଣୀ ଦିଆଯାଉ । ଏଥି ସହ ଯେଉଁ ଦିନ, ମାସ, ବର୍ଷ ଠାରୁ ସଫେଇ କର୍ମଚାରୀଙ୍କର ଦରମା ହରିଲୁଟ୍ କରାଯାଇଛି, ସେ ସମସ୍ତ ପରିମାଣ ସହିତ ମାର୍କେଟ୍ interest add କରାଯାଇ ଆଦାୟ କରାଯିବା ସଙ୍ଗେ ସଙ୍ଗେ ଶୋଷଣର ଶିକାର ହୋଇଥିବା ଉପରୋକ୍ତ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଉ ।

ଉତ୍ତର-୨(୯).(କ) ଏହାର ତଥ୍ୟ ନିମ୍ନମତେ ପ୍ରଦାନ କରାଗଲା ।

| NGO | MONTH | AMOUNT PAID (INR) |
|---|---|---|
| FEEDBACK FOUNDATION AND CHARITABLE TRUST | APRIL-2025 | 95,66,527/- |
| | MAY-2025 | 95,38,870/- |
| | JUNE-2025 | 85,82,423/- |
| | JULY-2025 | 1,54,82,455/- |
| | AUGUST-2025 | 1,38,41,746/- |
| | SEPTEMBER-2025 | 1,18,66,803/- |
| | OCTOBER-2025 | 1,16,03,346/- |
| VIKASH NGO | APRIL-2025 | 1,17,24,890/- |
| | MAY-2025 | 1,18,58,203/- |
| | JUNE-2025 | 1,21,66,493/- |
| | JULY-2025 | 2,15,49,742/- |
| | AUGUST-2025 | 1,85,52,919/- |
| | SEPTEMBER-2025 | 1,91,55,355/- |
| VIKASH NGO (Unit-4 market and fish market along with expenditure for allotted special vehicles in Ward No.36,34 and 41 | July-2025 | 17,24,144/- |
| | August-2025, September-2025 and October-2025 | 50,60,710/- |

(ଖ) M/s Vikash NGO, vehicle Co-ordinator ମାନଙ୍କୁ ଏଗ୍ରିମେଂଟ door to door collection of segregated Municipal waste along with associates IEC activities ତା ୨୬.୦୬.୨୦୨୫ ରିଖ ମୁତାବକ ମାସିକ ପାରିଶ୍ରମିକ ପ୍ରଦାନ ନକରିବା ଏବଂ ଏହି ଏଗ୍ରିମେଂଟର terms & condition ର ଖିଲାଫ କରିଥିବାରୁ ପତ୍ରସଂଖ୍ୟା-୩୮୮୨ ତା ୨୧.୦୧.୨୦୨୬ ରିଖରେ କାରଣ ଦର୍ଶାଅ ନୋଟିସ୍ for gross violation of terms & condition of the agreement executed on dtd.26.06.2025 ପ୍ରଦାନ କରାଯାଇଅଛି ।

ପ୍ରଶ୍ନ-୨(୧୦). ସଭାପତି ମହୋଦୟା ଜଣାଇବେ କି, ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ସାଉଥ୍ ଇଷ୍ଟ ଜୋନ୍ ର ସମସ୍ତ ୱାର୍ଡ ବଜେଟ୍ ସହ ସମସ୍ତ ପ୍ରକାରର ସରକାରୀ ଅନୁଦାନ ଅଧିନରେ ପବ୍ଲିକ୍ ୱାର୍କସ୍ ପାଇଁ (Roads, drain, culverts, buildings & park etc.) ବାବଦରେ କରାଯାଇଥିବା ଖର୍ଚ୍ଚ ତତ୍ ସହ ଟେଣ୍ଡର ହୋଇଯାଇଥିବା ଏବଂ କାମ ସରିନଥିବା ପ୍ରୋଜେକ୍ଟ ଗୁଡିକ ସହ ମିଶି year wise ପ୍ରତିଟି ୱାର୍ଡର ସମ୍ପୂର୍ଣ୍ଣ ଖର୍ଚ୍ଚ ବାବଦରେ ପ୍ରଦାନ କରାଯାଉ ।

ଉତ୍ତର-୨(୧୦). ଉକ୍ତ ପ୍ରଶ୍ନର ୪ ବର୍ଷ ସମ୍ପର୍କିତ ସୂଚନା ଆଧାରିତ ଥିବାରୁ ଏଥି ସମ୍ବନ୍ଧୀୟ ଉତର ଆଗାମୀ କର୍ପୋରେସନ ବୈଠକରେ ଉପସ୍ଥାପନ କରାଯିବ ।

ପ୍ରସ୍ତାବ-୩. ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା ୧୫.୦୧.୨୦୨୬ ରିଖ ଓ ତା ୧୭.୦୧.୨୦୨୬ ରିଖ ଟ୍ୟାକ୍ସେସନ, ଫାଇନାନ୍ସ ଆଣ୍ଡ ଆକାଉଣ୍ଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୨). ଗତ ତା ୨୦.୦୧.୨୦୨୬ ରିଖ ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର୍ ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୩). ଗତ ତା ୨୨.୦୧.୨୦୨୬ ରିଖ ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା ୧୬.୦୧.୨୦୨୬ ରିଖ ପ୍ଲାନିଂ ଆଣ୍ଡ ଡେ଼ଭଲପ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା ୨୨.୦୧.୨୦୨୬ ରିଖ ଏଜୁ୍ୟକେଶନ୍, ରିକ୍ରିଏସନ୍ ଆଣ୍ଡ କଲ୍‌ଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା ୧୬.୦୧.୨୦୨୬ ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା ୨୭.୦୧.୨୦୨୬ ରିଖ କଂଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା ୨୧.୦୧.୨୦୨୬ ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା ୧୭.୦୧.୨୦୨୬ ରିଖ ଗ୍ରୀଭାନ୍‌ସେସ୍ ଆଣ୍ଡ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା ୨୨.୦୧.୨୦୨୬ ରିଖ ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡ଼ିକ ସମ୍ପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡ଼ିଶା ମ୍ୟୁନିସିପାଲ୍ କର୍ପୋରେସନ ରୁଲ୍-୨୦୦୪ ର ନିୟମ ୦୩, ୦୪, ୦୫,୦୬, ୦୭, ୦୮,୧୦,୧୧ ଓ ୧୨ ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଡ଼ିସେମ୍ବର-୨୦୨୫ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-**

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡ଼ିଟ୍ ମତାମତ/ ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । **"(Expenditure Statement is passed subject to audit)"**

ପ୍ରସ୍ତାବ-୬.    ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ :- (ତା ୨୮.୦୧.୨୦୨୬ ରିଖ)

<u>ଶ୍ରୀ ଆଶିଷ କୁମାର ପଟ୍ଟନାୟକ, ୱାର୍ଡ଼ ନଂ-୪୨ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ</u>

ପ୍ରସ୍ତାବ-୬(୧). ୱାର୍ଡ଼ ମଧ୍ୟରେ ଥିବା ସରକାରୀ ଜମିକୁ ମାଡ଼ି ବସିଥିବା କେତେକ ବିଲଡ଼ର, ହୋଟେଲ୍ ଏବଂ ବ୍ୟକ୍ତି ମାନଙ୍କୁ ଅମିନ ଦ୍ୱାରା ଚିହ୍ନଟ କରିପାରିଲେ ୱାର୍ଡ଼ରେ Eviction କରାଗଲେ ବହୁତ ସାଧାରଣ ଲୋକ ସେଠାରେ ବ୍ୟବସାୟ କରି ଉପକୃତ ହୋଇପାରନ୍ତେ ।

ନିର୍ଦ୍ଧାରଣ-୬(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୨). ବି.ଏମ୍.ସି ଦ୍ୱାରା ପ୍ରତ୍ୟେକ ଦୋକାନ ଉପରେ ଗୁଟ୍‌ଖା ଉପରେ ରୋକ୍ ଲଗାଗଲେ ଭୁବନେଶ୍ୱରର ଅଳିଆ ଆବର୍ଜନା ୫୦% କମିଯାନ୍ତା । ରାସ୍ତା ସଫା କଲେ ମଧ ଗୁଟ୍‌ଖା ଜରି ପ୍ରତ୍ୟେକ ଜାଗାରେ ଲୋକ ପକେଇ ଦେଇ ଯାଉଛନ୍ତି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ଭୁବନେଶ୍ୱର ମହାନଗର ନିଗମାଂଚଳରେ କେହି ଗୁଟ୍‌ଖା ବିକ୍ରି କରିପାରିବେ ନାହିଁ । ଭେଣ୍ଡିଂଜୋନ୍, ଓମ୍‌ଫେଡ୍‌ରେ ଗୁଟ୍‌ଖା ବିକ୍ରି କଲେ ତାଙ୍କର ଆଲଟ୍‌ମେଣ୍ଟ ରଦ୍ଦ କରାଯିବ, ଭୁବନେଶ୍ୱର ମହାନଗର ନିଗମାଂଚଳ ମଧରେ ଗୁଟ୍‌ଖାର କୌଣସି ବିଜ୍ଞାପନଫଳକ ନଲଗାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଭରତ କୁମାର ଲେଙ୍କା, ୱାର୍ଡ଼ ନଂ-୪୩ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ</u>

ପ୍ରସ୍ତାବ-୬(୩). ସଭାପତି ମହୋଦୟା, ଆମ ଲକ୍ଷ୍ମୀସାଗର ଅଂଚଳ ଏକ ପୁରାତନ ଅଂଚଳ ଏବଂ ଏହାର ଆଖପାଖ ଅଂଚଳକୁ ନେଇ ଲକ୍ଷ୍ମୀସାଗର ୱାର୍ଡ଼ ନଂ-୪୩ ଏକ ବଡ଼ ଅଂଚଳରେ ପରିବର୍ତନ ହୋଇଛି, କିନ୍ତୁ ଦୁଃଖର ବିଷୟ ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରାଯାଇନାହିଁ । ମୋର ଗୃହ ମାଧମରେ ଆପଣଙ୍କୁ ଅନୁରୋଧ ଯଦି ବି.ଏମ୍.ସି ତରଫରୁ ଆମ ଲକ୍ଷ୍ମୀସାଗର ଅଂଚଳରେ ଏକ ମାର୍କେଟ୍ କମ୍ପ୍ଲେକ୍ସ କରାଯାଏ ଏହି ଅଂଚଳରେ ଥିବା ସମସ୍ତ ଉଠା ଦୋକାନୀଙ୍କୁ ଥଇଥାନ କରାଯାଇପାରନ୍ତା ଏବଂ ବି.ଏମ୍.ସି ର ମଧ ଆୟ ବୃଦ୍ଧି ହୋଇପାରନ୍ତା, ଆହୁରି ମଧ ମାର୍କେଟ୍ କମ୍ପ୍ଲେକ୍ସ କରାଗଲେ ଆମ ଅଂଚଳର ସୌନ୍ଦର୍ଯ୍ୟକରଣରେ ଆହୁରି ବୃଦ୍ଧି ହୋଇପାରିବ ।

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀମତୀ ଇତିଶ୍ରୀ ଦାସ, ୱାର୍ଡ଼ ନଂ-୧୩ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ</u>

ପ୍ରସ୍ତାବ-୬(୪). ସଭାପତି ମହୋଦୟା ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ କି ମୋ ୱାର୍ଡ଼ରେ ଥିବା ପୋଖରୀର ନାମଟିକୁ ଏକ ବ୍ୟକ୍ତିବିଶେଷ ନାମରେ ରଣା ଗାଡ଼ିଆ ପ୍ରୋଜେକ୍ଟ ଫଣ୍ଡ୍ ନରହୀ ବି.ଡ଼ି.ଏ କଲୋନୀ ପୋଖରୀ ନାମରେ ନାମିତ କରିବା ପାଇଁ ବହୁବାର ଗୃହରେ ଆଲୋଚନା କଲାପରେ ମଧ ସେହି ଆଠ ନମ୍ବର ୱାର୍ଡ଼ ଥିବା ରଣା ଗାଡ଼ିଆ ପ୍ରୋଜେକ୍ଟ ଫଣ୍ଡ୍ ସହ ଭୁଲ୍‌ବଶତଃ ଯୋଡ଼ି ହୋଇ ଉନ୍ନତିମୂଳକ କାର୍ଯ୍ୟ କରିବାରେ ଅସୁବିଧା ହେଉଥିବାରୁ ଏକ ବ୍ୟକ୍ତିବିଶେଷ ନାମରେ ନରହୀ ବି.ଡ଼ି.ଏ କଲୋନୀ ପୋଖରୀ ନାମରେ ନାମିତ କରାଯିବା ସମ୍ପର୍କରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

<u>ଶ୍ରୀ ରାମଚନ୍ଦ୍ର ରଣସିଂହ, ୱାର୍ଡ଼ ନଂ-୫୦ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ</u>

ପ୍ରସ୍ତାବ-୬(୫). ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଭିନ୍ନ ୱାର୍ଡ଼ରେ ନିଯୁକ୍ତ କରାଯାଇଥିବା ସ୍ୱଚ୍ଛ ସୁପରଭାଇଜର ଓ ସ୍ୱଚ୍ଛସାଥି ମାନଙ୍କର ମାସିକ ବେତନ ବଢାଇବା ପାଇଁ ବିଚାର ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୫). ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ବିଚାର ନିମନ୍ତେ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀମତୀ ଗିତାଞ୍ଜଳୀ ସାହୁ, ୱାର୍ଡ଼ ନଂ-୩୯ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ

ପ୍ରସ୍ତାବ-୬(୬). ସଭାପତି ମହୋଦୟା ବି.ଏମ୍.ସି ର ପ୍ରତ୍ୟେକ ୱାର୍ଡ଼ରେ କିଛି କିଛି ସୋଲାର୍ ଲାଇଟ୍ ଲଗାଇବା ପାଇଁ ବ୍ୟବସ୍ଥା କରାଯାଉ ।

ନିର୍ଦ୍ଧାରଣ-୬(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀ ଅଜିତ୍ ବେହେରା, ୱାର୍ଡ଼ ନଂ-୪୪ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ

ପ୍ରସ୍ତାବ-୬(୭). ସାନିଟେସନ୍ କ୍ଷେତ୍ରରେ ହେଉଥିବା ଫାଇନ୍‌କୁ ଦୃଢ ଓ ସ୍ୱଚ୍ଛ କରିବା ପାଇଁ ଆମ୍ଭର ଆବଶ୍ୟକତା ରହୁଅଛି, ଏଣୁ ଫାଇନ୍‌କୁ ବ୍ୟକ୍ତିର ହୋଲଡ଼ିଂ ଟ୍ୟାକ୍ସରେ ଏକ ଆପ୍ ମାଧମରେ ଜଡ଼ିତ କରାଯାଉ ଏବଂ ଯେ ପର୍ଯ୍ୟନ୍ତ ଫାଇନ୍ ପଇଠ ହୋଇନାହିଁ ସେ ପର୍ଯ୍ୟନ୍ତ ସେ ବ୍ୟକ୍ତିର ହୋଲଡ଼ିଂ ଟ୍ୟାକ୍ସ କଟାଯିବ ନାହିଁ ।

ଉଦାହରଣ ମଟର ଗାଡ଼ିର ଫାଇନ୍ ପଇଠ ନହୋଇଥିଲେ ଗାଡ଼ିର ବିକ୍ରୀ କିମ୍ବା ବୀମା ହୋଇପାରିବ ନାହିଁ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ଶ୍ରୀମତୀ ପୁଷ୍ପାଞ୍ଜଳୀ ସେଠୀ, ୱାର୍ଡ଼ ନଂ-୩୪ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ

ପ୍ରସ୍ତାବ-୬(୮). ସତ୍ୟନଗର ଓଭରବ୍ରିଜ୍ ତଳେ ଥିବା ସରକାରୀ ଜାଗା ଉପରେ ଦୈନିକ ହାଟ ନିର୍ମାଣ କରାଯାଉ । ସତ୍ୟନଗରର ବିଭିନ୍ନ ରାସ୍ତା କଡ଼ରେ ପରିବା, ପାନ, ଚିକେନ୍, ମଟନ୍, ଫଳ ଇତ୍ୟାଦି କରି ବ୍ୟବସାୟ କରିବା ଦ୍ୱାରା ସନ୍ଧ୍ୟା ଓ ସକାଳ ସମୟରେ ରାସ୍ତା ଅବରୋଧ ହୋଇ ଗହଳି ହେବାଦ୍ୱାରା ପ୍ରତ୍ୟେକ ଦିନ ପ୍ରାୟ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଦୟାକରି ଗୋଟିଏ ସ୍ଥାନରେ ବ୍ୟବସ୍ଥା କରି ଥଇଥାନ କରାଗଲେ ବ୍ୟବସାୟୀମାନେ ଉପକୃତ ହେବା ସହ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ।

ନିର୍ଦ୍ଧାରଣ-୬(୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୯). ବି.ଏମ୍.ସି ଅଧିନରେ ଯେତେ ଗୁଡ଼ିଏ ୱାର୍ଡ଼ ଅଫିସ୍ ଅଛି ତା'ର ରକ୍ଷଣାବେକ୍ଷଣ ପାଇଁ ୱାର୍ଡ଼ ଅଫିସ୍ ସମସ୍ତ ଦାୟିତ୍ୱ ତୁଲାଇବା ପାଇଁ ସବୁ ୱାର୍ଡ଼ ଅଫିସ୍ ପାଇଁ ଏକ ପିଲା ନିଯୁକ୍ତି ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୯). ୱାର୍ଡ଼ ଅଫିସ୍‌ରେ ଯେଉଁମାନଙ୍କୁ ନିଯୁକ୍ତି କରାଯାଇଅଛି ସେମାନେ କାମ ନକଲେ ତାଙ୍କୁ ବାହାର କରି ତାଙ୍କ ସ୍ଥାନରେ ନୂଆ ଲୋକ ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ରାଜକିଶୋର ଦାସ, ୱାର୍ଡ଼ ନଂ-୩୦ ଗତ ତା ୩୧.୧୨.୨୦୨୫ ରିଖର ପ୍ରସ୍ତାବ

ପ୍ରସ୍ତାବ-୬(୧୦). ସହିଦନଗର ସ୍ଥିତ ଓମ୍‌ଫେଡ୍ ଅଫିସ୍ ନିକଟସ୍ଥ ଅସ୍ଥାୟୀ ହାଟ, ପରିମଳ ଏବଂ ରାସ୍ତାର ଅନେକ ଅବ୍ୟବସ୍ଥା ପରିସ୍ଥିତି କାରଣରୁ ସାଧାରଣ ଲୋକ ଚଳପ୍ରଚଳରେ ହନ୍ତସନ୍ତ ହେଉଛନ୍ତି । ଇତି ମଧ୍ୟରେ ଅତିରିକ୍ତ ସଚିବ, ଡ଼ାଇରେକ୍ଟର ଅଫ୍ ଇଷ୍ଟେସ୍ ଙ୍କ ନିକଟରୁ ଚିଠି ନଂ-୭୪୪୬, ତା ୨୮.୦୨.୨୦୨୫ ରିଖରେ ହାଟର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ବି.ଏମ୍.ସି କୁ ଅନୁମତି ଆସିଅଛି । ଏଣୁ ଦୈନନ୍ଦିନ ଅସ୍ଥାୟୀ ହାଟକୁ ବହୁ ସଂଖ୍ୟାରେ ଯାଉଥିବା ଜନସାଧାରଣଙ୍କ ସୁବିଧା ନିମନ୍ତେ ଉନ୍ନୟନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉ ।

ନିର୍ଦ୍ଧାରଣ-୬(୧୦). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୧୧). ସହିଦନଗରରେ ଅବସ୍ଥିତ କଲ୍ୟାଣମଣ୍ଡପର ପାର୍କିଙ୍ଗ୍ ସମ୍ବନ୍ଧରେ ବହୁବାର ଆଗରୁ କର୍ପୋରେସନ ମିଟିଙ୍ଗ୍‌ରେ ଆଲୋଚନା ହୋଇସାରିଛି । ଏପର୍ଯ୍ୟନ୍ତ ପାର୍କିଙ୍ଗ୍ ସମସ୍ୟାର ସମାଧାନ ହୋଇପାରିନାହିଁ । ଏଣୁ ଅନୁରୋଧ ପାର୍କିଙ୍ଗ୍ ସମସ୍ୟା ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ କରାଯାଉ ।

ନିର୍ଦ୍ଧାରଣ-୬(୧୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । କଲ୍ୟାଣମଣ୍ଡପର ପୁନଃଉଦ୍ଧାର କାର୍ଯ୍ୟ, ଛାତର ସିଲିଙ୍ଗ୍, ପଛ ପାଖରେ ପାର୍କିଙ୍ଗ୍ ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ରଶ୍ମିରଞ୍ଜନ ପାଟଶାଣୀ, ୱାର୍ଡ଼ ନଂ-୬୫

ପ୍ରସ୍ତାବ-୬(୧୨). D.N Regalia Mall ଏବଂ Bhaiji Bar & Restaurant ଠାରେ ଉପଯୁକ୍ତ ପାର୍କିଙ୍ଗ୍ ର ବ୍ୟବସ୍ଥା ନଥିବାରୁ ଟ୍ରାଫିକ୍ ଜାମ୍ ହେଉଛି, ବି.ଏମ୍.ସି ଉପଯୁକ୍ତ ପାର୍କିଙ୍ଗ୍ର ବନ୍ଦୋବସ୍ତ କରାଯାଇ ବି.ଏମ୍.ସି ର ରାଜସ୍ୱ ଆଦାୟ ସହିତ ଟ୍ରାଫିକ୍ ଜାମ୍ ର ସମାସ୍ୟା ଦୂର ହୁଅନ୍ତା ।

ନିର୍ଦ୍ଧାରଣ-୬(୧୨). ପ୍ରସ୍ତାବ ବର୍ଣ୍ଣିତ ସ୍ଥାନରେ ରହୁଥିବା ଗାଡ଼ି ଗୁଡ଼ିକୁ ଟୋଇଙ୍ଗ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ, ୱାର୍ଡ଼ ନଂ-୪୯

ପ୍ରସ୍ତାବ-୬(୧୩). ୱାର୍ଡ଼ ନଂ-୪୯ ରେ ନିର୍ମାଣାଧିନ ଥିବା ୯ ନଂ ନାଳ ଶୀଘ୍ର ନିର୍ମାଣ ଶେଷ କରିବା ପାଇଁ ରାଜିବ ନଗରବାସୀ ବିଶେଷ ଅନୁରୋଧ କରିଛନ୍ତି, ଯଦି କିଛି ଆଇନ୍‌ଗତ ପ୍ରତିବନ୍ଧକ ଥାଏ ତା'ର ବିକଳ୍ପ ବ୍ୟବସ୍ଥାର ଆଶ୍ରୟ ନେଇ ତୁରନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିବା ନିମନ୍ତେ ପ୍ରସ୍ତାବ ।

ନିର୍ଦ୍ଧାରଣ-୬(୧୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୬(୧୪). ଭୁବନେଶ୍ୱରରେ ତୃଣମୂଳ ସ୍ତରରେ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଆଇଗିଣିଆ ଠାରେ ଭଡ଼ାଘରରେ ଅବସ୍ଥିତ ସହରାଂଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଆସନ୍ତା ମାର୍ଚ୍ଚ ମାସ ପର ଠାରୁ ସ୍ୱାସ୍ଥ୍ୟ ବିଭାଗ ଘରଭଡ଼ା ଆଉ ଯୋଗାଇ ଦେବେନାହିଁ ବୋଲି ବିଜ୍ଞପ୍ତି କରିଛନ୍ତି । ବି.ଏମ୍.ସି ତରଫରୁ ନିଜସ୍ୱ ଘର ନିର୍ମାଣ କରିବା ପାଇଁ ଟେଣ୍ଡର ଓ ବ୍ୟୟବରାଦ ୬ ମାସ ପୂର୍ବରୁ ସରିଥିବା ସତ୍ତ୍ୱେ ହସ୍ପିଟାଲ୍ ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ସରିପାରିଲା ନାହିଁ । ଏଣୁ ଅଂଚଳବାସୀ ଅନୁରୋଧ କରୁଛନ୍ତି କି, ଶୀଘ୍ର ନିର୍ମାଣ କାର୍ଯ୍ୟ ଶେଷ କରିବା, ଘରଭଡ଼ା ସମସ୍ୟାର ସମାଧାନ କରିବା ସହିତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଉଚିତ ପଦକ୍ଷେପ ନେବା ହେବେ ।

ନିର୍ଦ୍ଧାରଣ-୬(୧୪). ଏ ପ୍ରସ୍ତାବ ଉପରେ UPHC Guideline ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ଶ୍ରୀ ନୃପେଶ କୁମାର ନାୟକ, ୱାର୍ଡ଼ ନଂ-୫୫

ପ୍ରସ୍ତାବ-୬(୧୫). ଆମ ଭୁବନେଶ୍ୱର ସହରରେ ସବୁଠୁ ବଡ ସମସ୍ୟା ବର୍ଷାଜଳ ନିଷ୍କାସନ ଡ୍ରେନ ନିର୍ମାଣରେ ତ୍ରୁଟି ତଥା ବିନା ଅନୁମତିରେ ରାସ୍ତା ବା ସରକାରୀ ଖାଲି ଜାଗା ଏନର୍ଜୀ ଡିପାର୍ଟମେଂଟ ତା'ର Heavy Voltage Transformer, L.T. Electric Poles ଏବଂ 11 K.V. Electric Poles ଲଗାଇ ରାସ୍ତା ଅବୋରଧ କରୁଛନ୍ତି । ଆମେ ରାସ୍ତା, ଡ୍ରେନ୍ ଏବଂ ପାର୍କ ଇତ୍ୟାଦି ନିର୍ମାଣ ବେଳେ ତାଙ୍କୁ ଘୁଚାଂଇବା ପାଇଁ ଚାହିଁଲେ, ଏକ ରେ ତ ବର୍ଷ-ବର୍ଷ ଧରି ଏସବୁ ଅପସାରଣ କାମ ହେଉ ନାହିଁ ତତ୍ ସହିତ ମୋଟା ଅର୍ଥ ଅପସାରଣ ପାଇଁ ଦାବି କରୁଛନ୍ତି । ଏଠି ଏସବୁ ପ୍ରକାଶ କରିବାର କାରଣ ଚଳିତ ମାସରେ ମାନନୀୟା ମେୟର ମହୋଦୟାଙ୍କ ସହିତ ଆମେ ପ୍ରାୟ ୨୦ ଜଣ Corporator Bangkok ଗସ୍ତରେ ନିଜ ବ୍ୟକ୍ତିଗତ ଖର୍ଚ୍ଚରେ ଯାଇଥିଲୁ । ସେଠାରେ ସମସ୍ତ ବର୍ଷାଜଳ ନିଷ୍କାସନ ଡ୍ରେନ୍ ରାସ୍ତା ସହ ସମାନ୍ତରାଳ ଭାବେ ଖୁବ୍ କମ୍ ସ୍ଲାବ ବ୍ୟବହାର ସହିତ ମଝିରେ ମଝିରେ ଲୁହା ଜାଲି ପାଣି ଯିବା ପାଇଁ ବ୍ୟବସ୍ଥା କରାଯାଇଛି । Heavy Voltage Transformer ପାଇଁ ବଡ଼ ବଡ଼ ଲୁହା ଚାନେଲ୍ ପୋତା ଯାଇ ତା' ଉପରେ Transformer ବସାଯାଇଛି । ଯାହା ଫଳରେ ରୋଡ଼୍, ଲ୍ୟାଣ୍ଡ ସମ୍ପୂର୍ଣ୍ଣ ଅବରୋଧ ବିହୀନ ଓ ସ୍ମୁଥ୍ ଟ୍ରାଫିକ୍ ପାଇଁ ଅତ୍ୟନ୍ତ ପ୍ରଶଂସନୀୟ ପଦକ୍ଷେପ । ଏହି ବ୍ୟବସ୍ଥାକୁ ଆମେ ସମସ୍ତେ ବହୁତ ପସନ୍ଦ କରିଥିଲୁ ଏବଂ ମାନନୀୟା ମେୟର ମହୋଦୟା ମଧ ଆସନ୍ତା କର୍ପୋରେସନ୍ ବୈଠକରେ ଏହି ପ୍ରସ୍ତାବ ଉପସ୍ଥାପନା ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ତେଣୁ ଏହା ଉପରେ ସବିଶେଷ ଆଲୋଚନା ଓ ନିଷ୍ପତି ।

ନିର୍ଦ୍ଧାରଣ-୬(୧୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି, ବହୁତଳ ପ୍ରାସାଦ ପାଇଁ ସବ୍‌ଷ୍ଟେସନ୍ ଗୁଡ଼ିକ ତାଙ୍କର ପାଚୀର ଭିତରେ ବସାନ୍ତୁ । ରାସ୍ତା ଉପରେ କିମ୍ବା ସରକାରଙ୍କ ଜାଗା ଉପରେ ନବସାଇବା ଏବଂ ବହୁତଳ ପ୍ରାସାଦ ପାଇଁ ସବ୍‌ଷ୍ଟେସନ୍ ଗୁଡ଼ିକ ରାସ୍ତା ଉପରେ କିମ୍ବା ସରକାରଙ୍କ ଜାଗାରେ ବସିଅଛି ତାହାକୁ ସେଠାରୁ ହଟାଇ ସମ୍ପୃକ୍ତ ବହୁତଳ ପ୍ରାସାଦ ପାଚୀର ମଧକୁ ସ୍ଥାନାନ୍ତର କରିବା ପାଇଁ TPCODL କୁ ଅନୁରୋଧ କରିବା ଓ ଯଦି ସେମାନେ ନକରନ୍ତି ତେବେ ତାଙ୍କ ନାମରେ FIR ଦେବାପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭. ତା ୨୮.୦୧.୨୦୨୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ:-

ପ୍ରସ୍ତାବ-୭(୧). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ପରିବେଶ ବିଭାଗରେ କାର୍ଯ୍ୟରତ ଥିବା ୧ ଜଣ Data Entry Operator ଏବଂ ୬ ଜଣ Horticulture Supervisors ଯୋଗାଇଥିବା AIILSG ସଂସ୍ଥାର ଚୁକ୍ତିନାମା ତା ୩୧.୧୦.୨୦୨୫ ରିଖରେ ସରିଯାଇଅଛି । ପରିବେଶ ବିଭାଗର ସୁପରିଚାଳନା ନିମନ୍ତେ ଏମାନଙ୍କର ଜରୁରୀ ଅଟେ । ଏଣୁ ୧ ଜଣ Data Entry Operator ଏବଂ ୬ ଜଣ Horticulture Supervisors ଯୋଗାଇଥିବା AIILSG ସଂସ୍ଥା ଦ୍ୱାରା ୩.୮୫% Administrative ଚାର୍ଜ ସହିତ କାର୍ଯ୍ୟକାଳ (ତା ୦୧.୧୧.୨୦୨୫ ରିଖରୁ ତା ୩୧.୦୩.୨୦୨୬ ରିଖ) ପର୍ଯ୍ୟନ୍ତ ବୃଦ୍ଧି କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- XXXX-III-ENV.-80/2023

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୨). ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼, ଭୁବନେଶ୍ୱର ଜାତୀୟ ସାମ୍ବାଦିକ ଦିବସ ପାଳନ କରିବା ପାଇଁ Sponsor/Doner ନିମନ୍ତେ ଆବେଦନ କରିଛନ୍ତି । ନଥି ନଂ- XXXXII-(GIA)-07/2020 ଟିପ୍ପଣୀ ପୃଷ୍ଠା-୧ ରୁ ୧୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତିକରି ପୂର୍ବ ବର୍ଷ ପରି ଚଳିତ ବର୍ଷ (୨୦୨୫-୨୬) ନିମନ୍ତେ ଟ ୧୦,୦୦୦/- (ଦଶ ହଜାର) ମାତ୍ର ମାନନୀୟା ମେୟରଙ୍କ ଆଦେଶ ମତେ କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୨). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୩). ଭୁବନେଶ୍ୱର ମହାନଗର ନିଗମର ପରିବେଶ ବିଭାଗ ଅଧିନରେ ଥିବା ପାର୍କ ଗୁଡ଼ିକ ରକ୍ଷଣାବେକ୍ଷଣ ପାଇଁ ଆଉଟ୍‌ସୋର୍ସିଂ ଏଜେନ୍ସି/ ସି.ଏସ୍.ଆର୍ ଫଣ୍ଡିଙ୍ଗ୍ ମାଧ୍ୟମରେ ବିଭିନ୍ନ ଏଜେନ୍ସି ଯଥା-ବିଲ୍‌ଡ଼ର୍, ଡ଼େଭଲପର, ବଡ଼ ଗହଣା ଦୋକାନୀ, ବଡ଼ ହୋଟେଲ୍ ମାନଙ୍କୁ ଦେବାପାଇଁ ନିଷ୍ପତି ହୋଇଛି । ଏଥିପାଇଁ ଏକ RFP, SOP ଏବଂ modality ପ୍ରସ୍ତୁତ କରାଯାଉଛି, ଯାହାକି ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକରେ ଉପସ୍ଥାପନ କରାଯିବ ଏବଂ ପରବର୍ତୀ ସମୟରେ ଏହା କର୍ପୋରେସନ ବୈଠକରେ ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ, ତେଣୁ RFP, SOP ଏବଂ modality finalization ହେବା ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା RWAs/SHGs ମାନଙ୍କର ଚୁକ୍ତିନାମା ୩୧ ମାର୍ଚ୍ଚ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୩). ପ୍ରସ୍ତାବ ବର୍ଣ୍ଣିତ ମତେ RFP, SOP ଏବଂ modality finalization ନହେବା ପର୍ଯ୍ୟନ୍ତ RWAs/SHGs ମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱର ସମୟ ବୃଦ୍ଧି କରିବା ଏବଂ place making ଏବଂ ବଡ଼ ବଡ଼ ପାର୍କ ରକ୍ଷଣାବେକ୍ଷଣ ପାଇଁ ଟେଣ୍ଡର ଡ଼ାକିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୪). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସୈନିକ ସ୍କୁଲ୍ ନିକଟ ଟି.ଟି.ଏସ୍ ରେ ପ୍ରତିଷ୍ଠା ହୋଇଥିବା 10 TPD Plasma Processing Unit ର Operation & Maintenance କାର୍ଯ୍ୟ ପାଇଁ M/s AKYO Engineering Pvt. Ltd. କୁ ପତ୍ରସଂଖ୍ୟା-୧୯୦୯୧ ତା ୧୬.୦୪.୨୦୨୫ ରିଖ ଅନୁଯାୟୀ ନିୟୋଜିତ କରାଯାଇଅଛି । ଏହି ପ୍ରସ୍ତାବ ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଏବଂ କର୍ପୋରେସନ ନିର୍ଦ୍ଧାରଣ ସଂଖ୍ୟା-୭(୧୦) ତା ୨୩.୦୪.୨୦୨୫ ରିଖରେ ସ୍ୱୀକୃତିପ୍ରାପ୍ତ ହୋଇଅଛି । ୬ ମାସର ଅବଧି ଏବଂ ଏହାର ମାସିକ କାର୍ଯ୍ୟ ମୂଲ୍ୟ ଟ୫,୪୮,୬୦୦/-(7% Service Charges ଓ ୧୮% GST ସହିତ) ନିର୍ଦ୍ଧାରିତ ହୋଇଅଛି । ମଇ ମାସ ପାଇଁ ଟ୪,୫୩,୯୦୫/-ଙ୍କା ପୂର୍ବରୁ ପ୍ରଦାନ କରାଯାଇଛି । ବର୍ତମାନ ଜୁନ୍ ୨୦୨୫ (୨୪ ଦିନ) ପାଇଁ ଟ୩,୬୪,୫୮୬/-ଙ୍କା, ସେପ୍ଟେମ୍ବର୨୦୨୫ ପାଇଁ ଟ୪,୦୫,୯୨୬/-ଙ୍କା ଏବଂ ଅକ୍ଟୋବର ୨୦୨୫ ପାଇଁ ଟ୪,୦୫,୯୨୬/-ଙ୍କା ଦେୟ ରହିଅଛି । ଅର୍ଥାତ୍ ସମୁଦାୟ ପ୍ରଦାନ ଯୋଗ୍ୟ ରାଶି ଟ୧୧,୭୬,୪୩୮/-ଙ୍କା (ଏଗାର ଲକ୍ଷ ଛଅସ୍ତରୀ ହଜାର ଚାରି ଶହ ଅଠତିରିଶ ଟଙ୍କା) ମାତ୍ର ପଇଠ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXXX-II-SWMPMU-124/2023-24 ଟିପ୍ପଣୀ ୨୫ ରୁ ୩୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୫). ପ୍ରତିବର୍ଷ ପରି ଚଳିତ ବର୍ଷ ୨୦୨୬ ଖଣ୍ଡଗିରି କୁମ୍ଭମେଳା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ ଟ.୧୦,୦୦,୦୦୦/- (ଦଶ ଲକ୍ଷ ଟଙ୍କା) ମାତ୍ର ଆର୍ଥିକ ଅନୁମୋଦନ ନିମନ୍ତେ ସମ୍ପାଦକ, ଜାଗମରା ଗ୍ରାମ୍ୟ କମିଟି, ଜାଗମରା ଅନୁରୋଧ କରିଛନ୍ତି । ଗତବର୍ଷ ପ୍ରଦାନ କରାଯାଇଥିବା ଟ.୪,୦୦,୦୦୦/-(ଚାରି ଲକ୍ଷ ଟଙ୍କା) ମାତ୍ରର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ କରିଛନ୍ତି । ନଥି ନଂ- XXXXII(GIA)-01/2021 ଟିପ୍ପଣୀ ପୃଷ୍ଠା ୧୩୩ ରୁ ୧୩୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତିକରି ଜାଗମରା ଗ୍ରାମ୍ୟ କମିଟି, ଜାଗମରା ସପକ୍ଷରେ ଟ.୪,୧୧,୦୦୦/- (ଚାରି ଲକ୍ଷ ଏଗାର ହଜାର ଟଙ୍କା) ମାତ୍ର ମାନ୍ୟବର ମେୟରଙ୍କ ଆଦେଶ ମତେ ଓ କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ ପ୍ରଦାନ କରାଯାଇଅଛି । ଏହାର କାର୍ଯ୍ୟୋତର ମଞ୍ଜୁରି ନିମନ୍ତେ କର୍ପୋରେସନଙ୍କ ବିଚାର:-

ନିର୍ଦ୍ଧାରଣ-୭(୫). ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୬). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୫ ଗୋଟି ଗୋଶାଳାରେ ଥିବା ବୁଲା ଗାଈ ଓ ଷଣ୍ଢ ମାନଙ୍କୁ ଗୋଖାଦ୍ୟ ଯୋଗାଇଦେବା ପାଇଁ ଏକ ସରକାରୀ ସଂସ୍ଥା ଓମ୍‌ଫେଡ୍‌କୁ ଚୟନ କରାଯାଇ ଚୁକ୍ତିନାମା କରାଯାଇଅଛି । ଓମ୍‌ଫେଡ୍ ୧୮ ପ୍ରତିଶତ ପୃଷ୍ଟିସାର ବିଶିଷ୍ଟ ଗୋଖାଦ୍ୟ କିଲୋ ପ୍ରତି ୨୭ ଟଙ୍କା ହିସାବରେ ଯୋଗାଇଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXVI-04/2022 ।

ନିର୍ଦ୍ଧାରଣ-୭(୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୭). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଆଇଗିଣିଆ ଓ ଧର୍ମବିହାର ଗ୍ୟାସ୍ ଆଧାରିତ ଶ୍ମଶାନରେ ଗୋଟିଏ Technician-cum-Operator ଙ୍କୁ Jagannath Placement and Security Services (JPSS) ମାଧ୍ୟମରେ ନିଯୁକ୍ତି ସମ୍ପର୍କରେ କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ନିର୍ଦ୍ଧାରଣ ସଂଖ୍ୟା-୬ ତା ୨୯.୧୨.୨୦୨୫ ରିଖରେ ଅନୁମୋଦନ ହୋଇଥିଲା । ଏହି ନିଯୁକ୍ତି ପାଇଁ ପ୍ରତି ମାସ ଦର ଟ୨୨,୬୦୮/-ଙ୍କା (ବାଇଶି ହଜାର ଛଅ ଶହ ଆଠ ଟଙ୍କା ମାତ୍ର) ନିର୍ଦ୍ଧାରିତ ହୋଇଥିଲା, ଯେଉଁଥିରେ Employer Share of EPF @13%, ESI @ 3.25%, Service Charge @ 3.85% ଏବଂ GST @ 18% ସମ୍ମିଳିତ ରହିଛି । ଏହାର ଅନୁମୋଦନ ସହିତ ଉକ୍ତ ସଂସ୍ଥାଙ୍କ ସହିତ ଚୁକ୍ତି ସମ୍ପାଦନ କରିବା ପାଇଁ ଅତିରିକ୍ତ କମିଶନରଙ୍କ authorize କରିବା ପାଇଁ କର୍ପୋରେସନଙ୍କ ବିଚାର:- ନଥି ନଂ- XXXXX-III-1/2026

ନିର୍ଦ୍ଧାରଣ-୭(୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୮). AIILSG ଙ୍କ ଦ୍ୱାରା ଏକ ଅମିନ, ଭୁବନେଶ୍ୱର ମହାନଗର ନିଗମକୁ ଚୁକ୍ତିପତ୍ର ଅନୁସାରେ ଯୋଗାଇଥିଲେ ଏବଂ ଚୁକ୍ତିପତ୍ର ମିଆଦ ତା ୩୧.୧୨.୨୦୨୫ ରିଖ ସୁଦ୍ଧା ସରିଯାଇଛି, ଏଣୁ ଦକ୍ଷିଣ-ପୂର୍ବ ଓ.ଡ଼ି.ଏ କୋର୍ଟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ କମିଶନର ଏବଂ ମାନନୀୟା ମେୟରଙ୍କ ଅନୁମୋଦନ କ୍ରମେ ପୂର୍ବରୁ ଯୋଗାଇ ଦିଆଯାଇଥିବା ଅମିନଙ୍କୁ ପୁନର୍ବାର ଚୁକ୍ତି ଅନୁଯାୟୀ AIILSG ଙ୍କୁ ମାନବ ସମ୍ବଳ ଯୋଗାଇବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- XI-11/25

ନିର୍ଦ୍ଧାରଣ-୭(୮). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୯). ଭୁବନେଶ୍ୱର ମହାନଗର ନିଗମ ନିର୍ଦ୍ଧାରଣ ସଂଖ୍ୟା-୭(୧୨) ତା ୧୫.୦୧.୨୦୨୫ ରିଖ ଅନୁସାରେ ଡ଼ାକ୍ତର ଲିଙ୍ଗରାଜ ନାଥ, ହୃଦ୍‌ରୋଗ ବିଶେଷଜ୍ଞ ତା ୩୦.୦୧.୨୦୨୫ ରିଖରୁ ତା ୨୯.୦୧.୨୦୨୬ ରିଖ ପର୍ଯ୍ୟନ୍ତ ଓ ଡ଼ାକ୍ତର ଅନିଲ କୁମାର ପଣ୍ଡା, ଅସ୍ଥିସଲ୍ୟ ବିଶେଷଜ୍ଞ ତା ୨୭.୦୧.୨୦୨୫ ରିଖ ଠାରୁ ତା ୨୬.୦୧.୨୦୨୬ ରିଖ ପର୍ଯ୍ୟନ୍ତ ଏକ ବର୍ଷ ନିମନ୍ତେ ପୌର ଡ଼ାକ୍ତରଖାନାରେ ନିଯୋଜିତ ହୋଇଥିଲେ । ସେମାନଙ୍କର କାର୍ଯ୍ୟ ସନ୍ତୋଷଜନକ ଓ ଡ଼ାକ୍ତରଖାନାର ଆବଶ୍ୟକତା ଥିବାରୁ ଡ଼ାକ୍ତର ନାଥଙ୍କ କାର୍ଯ୍ୟକାଳ ତା ୩୦.୦୧.୨୦୨୬ ରିଖ ଠାରୁ ତା ୨୯.୦୧.୨୦୨୭ ରିଖ ଓ ଡ଼ାକ୍ତର ପଣ୍ଡାଙ୍କ

କାର୍ଯ୍ୟକାଳ ତା ୨୭.୦୧.୨୦୨୬ ରିଖ ଠାରୁ ତା ୨୬.୦୧.୨୦୨୭ ରିଖ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ ନିୟମ ଓ ସର୍ତ୍ତ ଅନୁସାରେ ବୃଦ୍ଧି କରାଯିବା ଏବଂ ଉକ୍ତ ନିୟମ ସର୍ତ୍ତ ଅନୁସାରେ ପୌର ଡ଼ାକ୍ତରଖାନାରେ ଆଉ ଏକ ଜଣ ହୃଦ୍‌ରୋଗ ବିଶେଷଜ୍ଞଙ୍କୁ ସାପ୍ତାହିକ ଏକ ଦିନ ନିଯୋଜିତ କରାଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ- BMC Hospital-15/2024

ନିର୍ଦ୍ଧାରଣ-୭(୯). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭(୧୦).** ଭୁବନେଶ୍ୱର ମହାନଗର ନିଗମ ତରଫରୁ ୱାର୍ଡ଼ ନଂ-୬୦ ରେ ନୂତନ ଭାବେ ନିର୍ମିତ ଏକ କମ୍ୟୁନିଟି ସେଂଟରର ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ସଫଳତାର ସହିତ ସମାପ୍ତ ହୋଇସାରିଛି । ନଥି ନଂ-XXXVIII-(K.M)-02/2026 ଟିପ୍ପଣୀ-୧ ଠାରୁ ୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ବ୍ୟବହାର ପାଇଁ ଏହି କମ୍ୟୁନିଟି ସେଂଟରକୁ ଅନ୍‌ଲାଇନ୍ ବୁକିଙ୍ଗ୍ ପ୍ରଣାଳୀରେ ଉପଲବ୍ଧ କରାଯିବା ଏବଂ ଏହାର ଭଡ଼ା ଦିନକୁ ଟ୨୦,୦୦୦/- + ଜି.ଏସ୍.ଟି ଧାର୍ଯ୍ୟ କରିବା ସହିତ ମହାନଗର ନିଗମ ଅଧିନସ୍ଥ ଅନ୍ୟ କଲ୍ୟାଣମଣ୍ଡପ ଏବଂ କମ୍ୟୁନିଟି ସେଂଟର ଗୁଡ଼ିକର ଅନ୍ ଲାଇନ୍ ବୁକିଙ୍ଗ୍ ସମୟରେ Party Waste Charges ବାବଦରେ ଅତି କମ୍‌ରେ ୫୦୦ ଜଣ ବ୍ୟକ୍ତିଙ୍କ ପାଇଁ ଟ ୧,୫୦୦/- + ବିବିଧ ପ୍ରଜୁର୍ଯ୍ୟ ରାଶି ଗ୍ରହଣ କରାଯିବ ଏବଂ ୫୦୦ ଜଣଙ୍କ ଠାରୁ ଅଧିକ ଲୋକଙ୍କ ସମାବେଶ ଥିବା ଆୟୋଜନ ପାଇଁ ସମ୍ବନ୍ଧିତ ବ୍ୟକ୍ତିଙ୍କ ଠାରୁ ଉକ୍ତ କାର୍ଯ୍ୟକ୍ରମ ଦିନ ମହାନଗର ନିଗମ ତରଫରୁ ନିର୍ଦ୍ଧାରିତ ଅତିରିକ୍ତ ରାଶି ଗ୍ରହଣ କରାଯିବା ପାଇଁ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧୦). ଉକ୍ତ ପ୍ରସ୍ତାବ ଆଲୋଚନା ସମୟରେ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟର ଶ୍ରୀ ଚନ୍ଦ୍ରଶେଖର ମଲିଆ କହିଥିଲେ ଯେ, ଏହା ପୁରୁଣା ଗ୍ରାମାଂଚଳ ହୋଇଥିବାରୁ ଏହା ଦୈନିକ ଭଡ଼ା କମାଯାଇ ଟ ୧୮,୦୦୦/- କରାଯାଉ । ଏହାକୁ କର୍ପୋରେଟର ଶ୍ରୀ ଶିବ ପ୍ରସାଦ ବେହେରା ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ପ୍ରସ୍ତାବ ବର୍ଣ୍ଣିତ କମ୍ୟୁନିଟି ସେଂଟରର ଦୈନିକ ଭଡ଼ା ଟ ୧୮,୦୦୦/- (ଅଠର ହଜାର ଜି.ଏସ୍.ଟି ସହିତ) ଏବଂ ପାର୍ଟି ୱେଷ୍ଟ୍ ଚାର୍ଜ ବାବଦକୁ ଅତି କମ୍‌ରେ ୫୦୦ ଜଣ ପାଇଁ ଟ୧,୫୦୦/- + ବିବିଧ ପ୍ରଜୁର୍ଯ୍ୟ ରାଶି ଏବଂ ୫୦୦ ରୁ ଅଧିକ ହେଲେ ନିର୍ଦ୍ଧାରିତ ଅତିରିକ୍ତ ୱେଷ୍ଟ୍ ଚାର୍ଜ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୭(୧୧).** ଭୁବନେଶ୍ୱର ମହାନଗର ନିଗମର ପୁରୁଣା ଭୁବନେଶ୍ୱର ସ୍ଥିତ ଶ୍ରୀ ଲିଙ୍ଗରାଜ ମନ୍ଦିର ସମୀପରେ ଅବସ୍ଥିତ ଲିଙ୍ଗରାଜ ମାର୍କେଟ୍ କମ୍ପ୍ଲେକ୍ସର ୫୮ ଟି ଦୋକାନରୁ ଆଦାୟ ହେଉଥିବା ଭଡ଼ା ରାଶି, ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ଼ ଅଫିସ୍ ଏବଂ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ପୂର୍ବରୁ ତା ୩୦.୧୦.୨୦୧୯ ର ପ୍ରକ୍ରିୟା (Procedure) ଅନୁସାରେ ୫୦:୫୦ ବଂଟନ ହୋଇଆସୁଛି । ମହାନଗର ନିଗମ ନିଜର ଆଦାୟ ରାଶି ଦ୍ୱାରା ଏହି ମାର୍କେଟ୍ କମ୍ପ୍ଲେକ୍ସର ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରୁଥିବା ସହିତ ସମ୍ପୃକ୍ତ ଅଂଚଳର ଆଲୋକୀକରଣ, ଜଳଯୋଗାଣ, ସଫେଇ ଓ ପରିମଳ ଖର୍ଚ୍ଚ ମଧ ବହନ କରୁଛି । ଏତଦ୍ ସହିତ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ଼ ତାଙ୍କର ମିଟିଙ୍ଗ୍ ପ୍ରୋସିଡ଼ିଙ୍ଗ୍‌ରେ ମାର୍କେଟ୍ କମ୍ପ୍ଲେକ୍ସରୁ ଆଦାୟ ହେଉଥିବା ଭଡ଼ାରୁ ୬୦% ରାଶି ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ଼ ଅଫିସ୍‌କୁ ଦେବାପାଇଁ ପ୍ରସ୍ତାବ ପାସ୍ କରିଥିବା ବେଳେ "ଲ" ଡ଼ିପାର୍ଟମେଂଟ୍ ମଧ ତାଙ୍କର ପତ୍ରସଂଖ୍ୟା-୫୬୦୩ ତା ୨୯.୦୬.୨୦୨୦ ରିଖରେ ଏହା ପ୍ରତି ସମ୍ମତି ଜଣାଇଛନ୍ତି । ଏହା ସହ ଶ୍ରୀ ଲିଙ୍ଗରାଜ ମନ୍ଦିରର Bye-law ପ୍ରସ୍ତୁତି ନିମନ୍ତେ Justice Dr. D.P. Choudhury (Retd.) ଓ Prof. R. K. Mishra (Retd.) ଙ୍କୁ ସମ୍ମିଳିତ କରି ଗଠିତ କମିଟି ତାଙ୍କର ପ୍ରୋସିଡ଼ିଙ୍ଗ୍ (ତା ୧୬.୦୧.୨୦୨୬ ରିଖ) ମାଧ୍ୟମରେ ଲିଙ୍ଗରାଜ ମାର୍କେଟ୍ କମ୍ପ୍ଲେକ୍ସରୁ ଆଦାୟ ହେଉଥିବା ଭଡ଼ାର ୬୦% ରାଶି ଟ୍ରଷ୍ଟ ବୋର୍ଡ଼କୁ ପ୍ରଦାନ କରିବା ସହିତ ଆଗକୁ ମୋଟ ୧୦୦% ଭଡ଼ା ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ଼କୁ ଦେବାପାଇଁ ପ୍ରସ୍ତାବ ଦେଇଛନ୍ତି । ଏହି ସମ୍ବନ୍ଧରେ "ଲ" ଡ଼ିପାର୍ଟମେଂଟର ମତାମତ ନିଆଯିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ-XXXVIII (Market)-96/2020 ଟିପ୍ପଣୀ ପୃଷ୍ଠା-୧ ରୁ ୧୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୧). ପ୍ରସ୍ତାବ ବର୍ଣ୍ଣିତ ମାର୍କେଟ୍ କମ୍ପ୍ଲେକ୍ସରୁ ଭଡ଼ା ଆଦାୟ ଏବଂ ୫୦:୫୦ ବଂଟନ ବ୍ୟବସ୍ଥା ଗତ ତା ୩୦.୧୦.୨୦୧୯ ରିଖ ପ୍ରୋସିଡ଼ିଙ୍ଗ୍ ଅନୁସାରେ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ଼ ଏବଂ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ନିର୍ଦ୍ଧାରିତ ହୋଇଥିଲା, ଉକ୍ତ ମାର୍କେଟ୍ କମ୍ପ୍ଲେକ୍ସରୁ ସେବେ ଠାରୁ ଭୁବନେଶ୍ୱର ମହାନଗର

ନିଗମ ଟିକସ ଆଦାୟ କରୁଅଛି ଏବଂ ନିୟମିତ ୪୦% ଅର୍ଥ ଲିଙ୍ଗରାଜ ଟ୍ରଷ୍ଟକୁ ପ୍ରଦାନ କରିବା ସହିତ ଏହାର ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ବା ସମ୍ପୃକ୍ତ ଅଞ୍ଚଳର ଆଲୋକିକରଣ, ଜଳଯୋଗାଣ, ସଫେଇ ଓ ପରିମଳ କାର୍ଯ୍ୟ ପାଇଁ ଖର୍ଚ୍ଚ ବହନ କରୁଥିବାରୁ ଆଦାୟ ହେଉଥିବା ଅର୍ଥରୁ ୪୦% ଅର୍ଥ ଠାରୁ ଅଧିକ ନଦେବାପାଇଁ ଓ ଏ ବିଷୟରେ ଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ଓ ରାଜ୍ୟ ସରକାରଙ୍କ ଆଇନ୍ ବିଭାଗକୁ ଅବଗତ କରାଇବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ-୭(୧୨).** ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Construction of RCC box cell culvert from NH towards natural nalla (Nayanjori) Raghunath Nagar in W.No.-66<br>File No.-XXXXXV-(D)-20/2025 | Rs.3,97,35,361/- | Rs.3,37,79,030/- | Sakti Prasad Das | 14.99<br>UNNATI Fund |

ନିର୍ଦ୍ଧାରଣ-୭(୧୨).ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱବର୍ଣ୍ଣିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ଦର ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୭-I(c) ତା ୨୨.୦୫.୨୦୧୮ ରିଖ-ତଥା-OPWD Code ସର୍ତ୍ତ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭(୧୩).** ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ପ୍ରାୟ ୩୬୦ କି.ମି. ଲମ୍ବା ଡ୍ରେନ୍ ସଫେଇ ପାଇଁ ନିଯୁକ୍ତ ଏଜେନ୍ସିମାନେ ବର୍ଷା ଶେଷ ପରେ ବକେୟା ଥିବା ସମସ୍ତ ଡ୍ରେନ୍ ପରିଷ୍କାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ ଏବଂ ସମଗ୍ର ସ୍ଲେବ୍ ମଧ ସଫା କରିବେ, ଏ ସମ୍ବନ୍ଧିତ ଇଂଚାର୍ଜ ଇଞ୍ଜିନିୟର୍ ଶେଷ ବିଲ୍ ପ୍ରସ୍ତୁତି ପୂର୍ବରୁ ସମସ୍ତ ସ୍ଲେବ୍ ପରିଷ୍କାର ହୋଇଥିବାର ନିଶ୍ଚିତ କରିବେ । ବକେୟା ବିଲ୍ ଗୁଡ଼ିକର ଅର୍ଥ ବି.ଏମ୍.ସି ପାଣ୍ଠିରୁ ଅନ୍ତର୍କାଳୀନ ଭାବେ ପ୍ରଦାନ କରାଯିବ, ପରେ ରାଜ୍ୟ ସରକାରଙ୍କ ଠାରୁ ଅର୍ଥ ପ୍ରାପ୍ତି ସହ ସମନ୍ୱୟ କରାଯାଇ ଉକ୍ତ ଅର୍ଥ ନିଗମ ପାଣ୍ଠିରେ ଭରଣା କରିବା ଓ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ଯୋଗାଣ ବିଷୟରେ H & UD ବିଭାଗକୁ ପ୍ରାଥମିକତା ଭିତିରେ ପ୍ରସ୍ତାବ ପ୍ରେରଣ କରାଯିବା ଓ ଚଳିତ ବର୍ଷ ପାଇଁ ଶୀଘ୍ର ଟେଣ୍ଡର ଡ଼ାକିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର:- ନଥି ନଂ- **XXXXXV-(D)-364/2024**

ନିର୍ଦ୍ଧାରଣ-୭(୧୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭(୧୪).** ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବୁଲା କୁକୁରଙ୍କ ସାମୁହିକ ଟିକାକରଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଭୁବନେଶ୍ୱର ମହାନଗର ନିଗମ, ମିଶନ୍ ରାବିଜ୍ ଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିନାମା ତା ୧୬.୦୧.୨୦୨୬ ରିଖରେ ସମ୍ପାଦିତ ହୋଇସାରିଅଛି । କୁକୁରଙ୍କ ସାମୁହିକ ଟିକାକରଣ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ପାଇଁ ପ୍ରାୟ ୮୯୪,୩୬,୨୫୦/-ଙ୍କା ର ଏକ ଆନୁମାନିକ ବଜେଟ୍ ଆକଳନ କରାଯାଇଅଛି । ଉକ୍ତ ଆନୁମାନିକ ଅଟକଳ ସ୍ୱୀକୃତି ପାଇଁ ପୂର୍ବରୁ ଦାଖଲ କରାଯାଇଥିବା ସହିତ ଏହା ବର୍ତ୍ତମାନ ଗୃହ ଓ ନଗର ଉନ୍ନୟନ ବିଭାଗ (**H & UD Dept.**) ଓଡ଼ିଶା ସରକାରଙ୍କ ଠାରେ ପ୍ରକ୍ରିୟାଧିନ ଅଛି । ଯେହେତୁ, କାର୍ଯ୍ୟକ୍ରମଟି ଶୀଘ୍ର ଆରମ୍ଭ କରିବା ପାଇଁ ଆବଶ୍ୟକ ହେଉଅଛି ଭୁବନେଶ୍ୱର ମହାନଗର ନିଗମ ନିଜସ୍ୱ ପାଣ୍ଠିରୁ ୮୯୪,୩୬,୨୫୦/-ଙ୍କା ମଞ୍ଜୁର କରିବା ଓ ଏହା ରାଜ୍ୟ ସରକାରଙ୍କ ଠାରୁ ମିଳିବା ପରେ ନିଗମ ପାଣ୍ଠିରୁ ଭରଣ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ- **XXVI-01/2025** ଟିପ୍ପଣୀ- ୧୩ ରୁ ୧୭ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୪). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୫). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଟି.ଟି.ଏସ୍ ଠାରେ Windrows Composting ମାଧ୍ୟମରେ ଆସୁଥିବା ବର୍ଜ୍ୟବସ୍ତୁ ଗୁଡ଼ିକୁ ପରିଚାଳନା କରାଯାଉଅଛି ଏବଂ ଏହି ବର୍ଜ୍ୟବସ୍ତୁ ଗୁଡ଼ିକରୁ ପରିଚାଳନା କରିବାରେ ସମସ୍ୟା ହେଉଅଛି କାରଣ ସେଠାରେ ବହୁ ମାତ୍ରାରେ ବର୍ଜ୍ୟବସ୍ତୁ ପଡ଼ିବା ଦ୍ୱାରା ଦୁର୍ଗନ୍ଧ ବାହାରୁଛି, ତେଣୁ ଏହାର ସମାଧାନ ପାଇଁ Bio-inoculant and odour control powder ର ଆବଶ୍ୟକତା ଅଛି, ତେଣୁ ଏହାକୁ ଭିତିକରି ଏକ RFP No.-52219 ତା ୧୯.୧୨.୨୦୨୪ ରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହା ପରବର୍ତୀ ସମୟରେ କୌଣସି କାର୍ଯ୍ୟକାରୀ ହୋଇନଥିବାରୁ Quotation Call Notice vide Letter No.-52213 ତା ୧୯.୧୨.୨୦୨୪ ରିଖରେ ଏହା ଟେଣ୍ଡର ଡ଼କାଯାଇଥିଲା । ଏହି ଟେଣ୍ଡରରେ M/s Home Seva ନାମକ ଏକ ସଂସ୍ଥା L-1 ହୋଇଥିଲା ଯାହାର ମୂଲ୍ୟ Rs. 90/kg ଥିଲା, ଏହି ସଂସ୍ଥାଟି L-1 ହୋଇଥିବାରୁ ସେହି ସଂସ୍ଥାକୁ ୩୦୦୦ କେ.ଜି quantity ର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା, କିନ୍ତୁ ଏହାର Field Assessment ଓ ଅନୁଧାନ ଅଫିସିଆଲ୍ ମାନଙ୍କ ଦ୍ୱାରା କରାଯାଇଥିଲା, ଏଥିରେ ଏହି product ଟି କୌଣସି ଦୃଶ୍ୟମାନ କିମ୍ବା କାର୍ଯ୍ୟକାରୀ ଭାବେ ପ୍ରଦର୍ଶନ କରିପାରିନାହିଁ ।

ତେଣୁ ଏହି ପୁରାତନ ଟେଣ୍ଡର ଗୁଡ଼ିକୁ ରଦ୍ଦ କରାଯାଇ ନୂତନ ଟେଣ୍ଡର ମାଧ୍ୟମରେ ଏଜେନ୍ସି ଚୟନ ପାଇଁ ନିଷ୍ପତି ନିଆଗଲା ଯାହାକି ନିମ୍ନବତ୍ ଅଟେ :-

Quotation Call Notice vide Letter No.-52213 dt.19.12.2024 (Supply of Odour Control Powder) and vide RFP No.-52219 dt.19.12.2024 (Supply of sprinkling of biological inoculant Tender) ବାତିଲ କରାଯିବ ।

ନୂତନ ଟେଣ୍ଡର ପ୍ରକାଶ ପାଇଁ ୫୦,୦୦୦ ଲିଟର, Biological Inoculant ପାଇଁ ୧ ବର୍ଷ ଆବଶ୍ୟକତା ରହିଛି ।

ନୂତନ ଟେଣ୍ଡର ପ୍ରକାଶ ପାଇଁ ୪୦,୦୦୦ କେ.ଜି Organic Odour Control Powder ୧ ବର୍ଷ ପାଇଁ ଆବଶ୍ୟକତା ରହିଛି ।

ଏମର୍ଜେନ୍ସି ପାଇଁ Short Quotation Call ମାଧ୍ୟମରେ ୨୦୦୦ ଲିଟର Bio-inoculant and 1000 kg Organic Odour Control Powder ଆବଶ୍ୟକତା ରହିଛି ।

ଏହା ଉପରେ କର୍ପୋରେସନଙ୍କ ବିଚ୍ୟର :- ନଥି ନଂ- XXXXX-II-SWMPMU-156/2024-25 ଟିପ୍ପଣୀ ପୃଷ୍ଠା-୭୦ ରୁ ୭୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୫). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୬). ନୂତନ ଚୟନିତ ଏଜେନ୍ସିଙ୍କୁ ମୋବିଲାଇଜେସନ୍ ଏବଂ RDF ଉଠାଣ ଓ କୋ-ପ୍ରୋସେସିଂ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଆରମ୍ଭ କରିବାକୁ ଯଥେଷ୍ଟ ସମୟ ଆବଶ୍ୟକ ହେବାରୁ ସେହି ସମୟ ମଧ୍ୟରେ RDF ଉଠାଇବା ଆବଶ୍ୟକ ଥିବାରୁ 20,000 MT RDF ପାଇଁ M/s Dalmia Cement (Bharat) Ltd. ସହ ପ୍ରତି MT Rs.928.57 ଦରରେ ଅନ୍ତିମ ସମାଧାନ କରାଯାଇଛି । ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚ୍ୟର :- ନଥି ନଂ- XXXXX-II-SWMPMU-130/2023-24 ଟିପ୍ପଣୀ ପୃଷ୍ଠା-୧୪୭ ରୁ ୧୫୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୭(୧୬). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭(୧୭). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ଥିବା ୬ ଗୋଟି ଗୋଶାଳାରେ ବୁଲା ଗାଈ ଓ ଷଣ୍ଢ ମାନଙ୍କୁ ରଖାଯାଉଅଛି । ଜାମୁକୋଳି ଠାରେ ଥିବା କ୍ରିଷ୍ଣା ଗୋଶାଳା (ଯାହାକି, ଭୁବନେଶ୍ୱର ମହାନଗର ନିଗମର ନିଜସ୍ୱ ଗୋଶାଳା ଅଟେ) ପାଇଁ ଏଜେନ୍ସି ନିଯୁକ୍ତ କରାଯାଇ ବୁଲା ଗାଈ ଓ ଷଣ୍ଢ ମାନଙ୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଅଛି । ଏହାଛଡ଼ା ନିମ୍ନଲିଖିତ ଗୋଶାଳା ଗୁଡ଼ିକରେ ଥିବା ବୁଲା ଷଣ୍ଢ ଓ ଗାଈ ମାନଙ୍କର ରକ୍ଷଣାବେକ୍ଷଣ ନିମନ୍ତେ ନିମ୍ନଲିଖିତ ସଂସ୍ଥା ମାନଙ୍କୁ ବିଭିନ୍ନ ସମୟରେ କାର୍ଯ୍ୟାଦେଶ/ଚୁକ୍ତି କରାଯାଇଥିଲା ।

| କ୍ର.ନଂ | ଗୋଶାଳାର ନାମ | ଦାୟିତ୍ୱ ବହନ କରିଥିବା ସଂସ୍ଥା | କାର୍ଯ୍ୟାଦେଶ/ଚୁକ୍ତି ତାରିଖ | ଦୈନିକ ଗାଈ ଓ ଷଣ୍ଢ ପିଛା ପ୍ରଦାନ କରାଯାଉଥିବା ଅର୍ଥ |
|---|---|---|---|---|
| ୧ | ଗୋକୁଳ ବିହାର ଗୋଶାଳା, ଗଡ଼ କାଶୀପୁର, ଇନ୍‌ଫୋସିଟି-୨ | ପିପୁଲ୍ ଫୋରମ୍ | ତା ୨୨.୧୨.୨୦୨୩ | ୨୦୦ |
| ୨ | ସୁଷମା ଗୋସେବାଶ୍ରମ, ବେଗୁନିଆ | ସେଭେନ୍ ଡ଼ାଇମଣ୍ଡ ୱାର୍ଲ୍ଡ ୱେଲ୍‌ଫେୟାର୍ ଏଣ୍ଡ୍ ଡ଼ୋଉରାଡ଼ୋ ବୋର୍ଡ଼ ଅର୍‌ଗାନାଇଜେସନ୍ | ଚିଠି ସଂଖ୍ୟା-୧୨୪୬୨/୧୭.୦୩.୨୦୨୩ | ୨୦୦ |
| ୩ | ଗୁରୁଗୋବିନ୍ଦ ଗୋସେବାଶ୍ରମ ଗୋଶାଳା, ବାଲିଘାଇ, ପୁରୀ | ଗୁରୁଗୋବିନ୍ଦ ଗୋସେବାଶ୍ରମ | ଚିଠି ସଂଖ୍ୟା-୧୨୪୫୬/୧୭.୦୩.୨୦୨୩ | ୨୦୦ |
| ୪ | ଗୋବିନ୍ଦ ଗୋଧାମ ସେବାଶ୍ରମ ଗୋଶାଳା, ବ୍ରହ୍ମଗିରି, ପୁରୀ | ଶ୍ରୀରାମ ସୁନ୍ଦରାକାଣ୍ଡ ଚ୍ୟାରିଟେବୁଲ୍ ଟ୍ରଷ୍ଟ | ଚିଠି ସଂଖ୍ୟା-୪୦୧/୦୪.୦୧.୨୦୨୩ | ୧୦୦ |
| ୫ | ଜଟଣୀ ମ୍ୟୁନିସିପାଲିଟି ଗୋଶାଳା, ଜଟଣୀ, ଖୋର୍ଦ୍ଧା | ପିପୁଲ୍ ଫୋରମ୍ | ଚିଠି ସଂଖ୍ୟା-୫୫୪୮୮/୨୮.୧୧.୨୦୨୨ ଚିଠି ସଂଖ୍ୟା-୨୬୭୩୮ ତା ୦୧.୦୬.୨୦୨୩ ରିଖ ଅନୁସାରେ ଜଟଣୀ ମ୍ୟୁନିସିପାଲ୍‌ଟି ଗୋଶାଳା ଠାରେ ନିୟୋଜିତ ଭେଟ୍‌ନାରୀ ଡ଼ାକ୍ତରଙ୍କ ଦରମା ବାବଦକୁ ବି.ଏମ୍.ସି ଦ୍ୱାରା ପାଣ୍ଠି ପ୍ରଦାନ କରାଯାଉଅଛି । | ୧୦୦ |

ଗୋଶାଳାରେ ଥିବା ବୁଲା ଗାଈ ଓ ଷଣ୍ଢ ମାନଙ୍କୁ ଉଚିତ୍ ମାନର ଗୋଖାଦ୍ୟ ଉଚିତ୍ ପରିମାଣରେ ପହଂଚାଇବା ପାଇଁ ତା ୧୦.୧୨.୨୦୨୫ ରିଖ ଦିନ ଓମ୍‌ଫେଡ୍ ସହ ଭୁବନେଶ୍ୱର ମହାନଗର ନିଗମର ଚୁକ୍ତି ସ୍ୱାକ୍ଷରିତ ହୋଇଅଛି । ଏହି ଗୋଶାଳା ଗୁଡ଼ିକୁ ଓମ୍‌ଫେଡ୍ ଦ୍ୱାରା ପ୍ରଦାନ କରାଯାଉଥିବା ଗୋଖାଦ୍ୟ (୧୮% ପୃଷ୍ଟିସାର ବିଶିଷ୍ଟ ଗୋଖାଦ୍ୟ କି.ଗ୍ରା. ପ୍ରତି ୨୭ ଟଙ୍କା) ପାଇଁ ସିଧାସଳଖ ଓମ୍‌ଫେଡ଼୍‌କୁ ଅର୍ଥରାଶି ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ନୂତନ ଭାବରେ ଦେୟ ଖସଡ଼ା ପ୍ରସ୍ତୁତ କରାଯାଇ ଉକ୍ତ ସଂସ୍ଥା ଗୁଡ଼ିକ ସହିତ ନୂତନ ଭାବରେ ଚୁକ୍ତିନାମା କରାଯିବା ନିମନ୍ତେ କର୍ପୋରେସନଙ୍କ ବିଚାର:- ନଥି ନଂ-XXVI-(ABC)-04/2022

ନିର୍ଦ୍ଧାରଣ-୭(୧୭). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା । ପ୍ରକାଶ ଥାଉକି, ଉପରୋକ୍ତ ସଂସ୍ଥାଙ୍କୁ ବିଲ୍ ପଇଠ ସମୟରେ ସେମାନଙ୍କୁ ଦିଆଯାଇଥିବା ଗୋଖାଦ୍ୟ ବାବଦୀୟ ଅର୍ଥ କାଟି ଅବଶିଷ୍ଟ ଅର୍ଥ ପଇଠ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୧୮). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ନଡ଼ିଆ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଏକ Coconut Waste Processing Plant ପଲାଶୁଣୀଠାରେ HDFC Bank Ltdର CSR Support ମାଧ୍ୟମରେ ସ୍ଥାପନ କରାଯାଇଥିଲା। ଏହି ପ୍ଲାଣ୍ଟର ସବୁ ଯନ୍ତ୍ରପାତି M/s Orissa Agro Machinery ଦ୍ୱାରା ଯୋଗାଇ ଦିଆଯାଇଥିଲା । ଏହି ପ୍ଲାଣ୍ଟର ପରିଚାଳନା ଓ ରକ୍ଷଣାବେକ୍ଷଣର କୌଣସି ପୂର୍ବ ଅନୁଭୂତି ନଥିବାରୁ, ଏକ ଘରୋଇ ସଂସ୍ଥା ମେସର୍ସ ଓଡିଶା ଆଗ୍ରୋ ମେସିନାରୀକୁ ଉଚ୍ଚ କର୍ତ୍ତୃପକ୍ଷଙ୍କର ଅନୁମୋଦନ କ୍ରମେ ପତ୍ର ସଂଖ୍ୟା ୩୨୫୦୪ ତା. ୦୧.୦୭.୨୦୨୫ ରିଖରେ ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । କାର୍ଯ୍ୟାଦେଶ ଅନୁଯାୟୀ ଏହି ଘରୋଇ ସଂସ୍ଥା ଦ୍ୱାରା ଦୁଇ ସିଫ୍ଟରେ ୫ ଜଣ ଲେଖାଏଁ କର୍ମଚାରୀ ନିୟୋଜିତ

କରି ଏହାକୁ ଚାଲୁ କରିବା ପାଇଁ ଆଦେଶ ଦିଆଯାଇଥିଲା । ଏହି କାର୍ଯ୍ୟ ଅବଧି ୬ ମାସ ନିର୍ଦ୍ଧାରିତ କରାଯାଇଥିଲା ଯାହା ତା ୦୩.୦୧.୨୦୨୬ ରିଖରେ ସମାପ୍ତ ହୋଇଅଛି ।

ଏହି ଘରୋଇ ସଂସ୍ଥା ସଠିକ ଭାବରେ ତାହାର କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟ କରିବାରେ ସକ୍ଷମ ହୋଇଥିଲା ଏବଂ ଦୈନିକ ୫,୦୦୦ ନଡ଼ିଆ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରାଯାଉଥିଲା । ଏହି ପ୍ଲାଣ୍ଟରେ ଦୈନିକ ୧୦,୦୦୦ ନଡ଼ିଆ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହୋଇପାରିବାର କ୍ଷମତା ରହିଅଛି । ସେହି କ୍ଷମତା ପ୍ରାପ୍ତ କରିବା ପାଇଁ ୩୩ ଜଣ କର୍ମଚାରୀ ଓ ୨ ଜଣ operator ଙ୍କୁ ନିୟୋଜିତ କରିବା ଆବଶ୍ୟକ । ଦୈନିକ ୧୦, ୦୦୦ ନଡ଼ିଆ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ହେଲେ ୧୨, ୦୦୦ Sqft. ର Doormat ଏବଂ ୧୪, ୪୦୦ kg ର cocopeat ଉତ୍ପାଦନ ସମ୍ଭବ ହୋଇପାରିବ । ହେଲେ ଏହାର ମାସିକ ବ୍ୟୟ ଟ ୭,୯୫, ୭୪୯ ଙ୍କା ଏବଂ ଉତ୍ପାଦନ ହେଉଥିବା ସାମଗ୍ରୀ ବିକ୍ରୟ ଦ୍ୱାରା ମାସିକ ଟ ୫, ୨୮, ୦୦୦ଙ୍କା ଆୟ ହେବାର ଆକଳନ କରାଯାଇଅଛି । ଆକଳନ ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମର ମାସିକ ପ୍ରାୟ ୨,୬୮,୦୦୦ ଟଙ୍କା କ୍ଷତି ହେଉଅଛି । ଏହାର କାରଣ ଭୁବନେଶ୍ୱରଠାରେ ଅଧିକ ଶ୍ରମ ମୂଲ୍ୟ ଏବଂ ନଡ଼ିଆ ବର୍ଜ୍ୟବସ୍ତୁର ପରିବହନ ଖର୍ଚ୍ଚ । ଏଥି ମଧ୍ୟରେ ସେହି ଘରୋଇ ସଂସ୍ଥା M/s Orissa Agro Machinery ପକ୍ଷରୁ ତା. ୦୮.୦୧.୨୦୨୬ ରିଖରେ ପ୍ରଦତ୍ତ ପତ୍ରରେ ଏକ ପ୍ରସ୍ତାବ, ଭୁବନେଶ୍ୱର ମହାନଗର ନିଗମ ନିକଟରେ ଦାଖଲ କରାଯାଇଅଛି । ଏହି ପ୍ରସ୍ତାବ ଅନୁଯାୟୀ M/s Orissa Agro Machinery ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବ। ଏହା ବ୍ୟତୀତ ନଡ଼ିଆ ବର୍ଜ୍ୟବସ୍ତୁର ପରିବହନ ପାଇଁ ନିଜସ୍ୱ ବ୍ୟବସ୍ଥା ଏବଂ ତାହାର ସମ୍ପୂର୍ଣ୍ଣ ବ୍ୟୟ ମଧ ବହନ କରିବ। ଉତ୍ପାଦିତ ଉତ୍ପାଦ ବିକ୍ରୟରୁ agency ପକ୍ଷରୁ ସଂଗୃହିତ ରାଜସ୍ୱରୁ ସମ୍ପୂର୍ଣ୍ଣ ଖର୍ଚ୍ଚ ଭରଣା କରାଯିବ। ଏହା ସହିତ M/s Orissa Agro Machinery ଭୁବନେଶ୍ୱର ମହାନଗର ନିଗମର ଜାଗା ବ୍ୟବହାର କରୁଥିବାରୁ ସେ ବାବଦରେ ମାସିକ ଟ୧୦, ୦୦୦ଙ୍କା ଭଡା ଆକାରରେ ଦେବ । ଏହା ଫଳରେ ଭୁବନେଶ୍ୱର ମହାନଗର ନିଗମ ମାସିକ ୨.୬୮ ଲକ୍ଷ ଟଙ୍କା କ୍ଷତିରୁ ବଂଚିତ ହେବ । ଅନ୍ୟପକ୍ଷରେ ଜାଗା ବ୍ୟବହାର ବାବଦକୁ ସଂପୃକ୍ତ କଂପାନୀ ମାସିକ ଟ ୧୦,୦୦୦ଙ୍କା ଦେବ, ଯାହା ବିଏମ୍ ସି ତହବିଲକୁ ଆସିବ । ତେବେ ନଡିଆ ବର୍ଜ୍ୟ ପ୍ରକ୍ରିୟାକରଣ ଜାରି ରଖିବା ପାଇଁ କାର୍ଯ୍ୟର ଅବଧି ପୂରଣ ହୋଇଯାଇଥିଲେ ମଧ ସଂପୃକ୍ତ କଂପାନୀ ଏବେ ୩ଟି ସିଫ୍ଟରେ କାର୍ଯ୍ୟ ଜାରି ରଖିଅଛି । ଗତ ୬ ମାସ ମଧ୍ୟରେ ନଡିଆ ବର୍ଜ୍ୟରୁ ମୋଟ ୮୦୦ କେଜି କତା ଦଉଡି, ୧୦ ଟନ coco fibre ଏବଂ ୨୯, ୫୦୦ kg cocopeat ଗଛିତ ରହିଅଛି । ଏହା ଖୁବ୍ ଶୀଘ୍ର ନିଲାମ କରିବା ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ-XXXXX-II-SWMPMU-78/2025-26 ଟିପ୍ପଣୀ- ୧ ରୁ ୧ ୨ ଦ୍ରଷ୍ଟବ୍ୟ ।

**ନିର୍ଦ୍ଧାରଣ-୭(୧୮).** ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ-୭(୧୯).** ନିମ୍ନଲିଖିତ ବସ୍ତି ଗୁଡ଼ିକରୁ ବିସ୍ଥାପିତ ହୋଇଥିବା ବସ୍ତିବାସିନ୍ଦାଙ୍କୁ ଚନ୍ଦ୍ରଶେଖରପୁର (ବୁଦ୍ଧବିହାର) ହାଉସିଂ ପ୍ରକଳ୍ପରେ ଥଇଥାନ ନିମନ୍ତେ ଚୟନ କରାଯାଇଅଛି । ଏହାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

| | | |
|---|---|---|
| ୧-ସାଲିଆ ସାହି | - | ୧୦୦ ଗୋଟି ପରିବାର |
| ୨-ସୁବାଷବୋସ ବସ୍ତି | - | ୨୦ ଗୋଟି ପରିବାର |
| ୩-ବି.ଡ଼ି.ଏ ଦ୍ୱାରା ସୁପାରିଶ-ବିଭିନ୍ନ ବସ୍ତିର କିଛି ବସ୍ତିବାସିନ୍ଦା ଯେଉଁମାନେ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ | | ୧୭ ଗୋଟି ପରିବାର |

ମୋଟ ୧୩୭ ଗୋଟି ପରିବାରଙ୍କୁ ଲଟେରୀ ମାଧମରେ ଚିହ୍ନଟ କରାଯାଇ ଥଇଥାନ କରାଯିବ ।

ଏହାର ଅନୁମୋଦନ ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ-XXXXVI-PMAY-457/13

**ନିର୍ଦ୍ଧାରଣ-୭(୧୯).** ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୪.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ସୁଲୋଚନା ଦାସ
ସଭାପତି
ତା ୨୮.୦୧.୨୦୨୬ ରିଖ